## ସଂକ୍ଷେପରେ

### ବିଷ ପ୍ରକ୍ରିୟାରେ ୨ ମୃତ

**ବ୍ରହ୍ମପୁର ଅଫିସ,୨୮।୨:** ପୃଥକ ବିଷ ପ୍ରକ୍ରିୟାରେ ଗୁରୁତର ହୋଇ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ୨ ଜଣଙ୍କର ଗୁରୁବାର ରାତିରେ ମୃତ୍ୟୁ ଘଟିଛି। ସେମାନେ ହେଲେ ପାଟପୁର ଥାନା ଅନ୍ତର୍ଗତ ପାଣ୍ଡରାଖାଲିର ଗସମା ଗୌଡ଼ (୨୨) ଓ ଆନ୍ଧ୍ରପ୍ରଦେଶ ସୋମପେଟ୍ଟାର କେ. ଅଶୋକମ୍ମା (୬୧)। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଦୁଇଟିକୁ ଜବତ କରିଛି। ଏ ନେଇ ପୃଥକ ୨ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ପାରିବାରିକ ଅଶାନ୍ତିରୁ ଗତ ବୁଧବାର ଗସମା ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ ମଧ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ମୃତ୍ୟୁ ଘଟିଛି। ସେହିପରି ଅଶୋକମ୍ମା କୌଣସି ଏକ କଥାକୁ ନେଇ ଗତ ବୁଧବାର ବିଷ ପିଇ ଗୁରୁତର ହେବାରୁ ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିଲେ ମଧ ତାଙ୍କର ମୃତ୍ୟୁ ଘଟିଛି।

### ପୂର୍ବ ଶତ୍ରୁତାକୁ ନେଇ ମହିଳାଙ୍କୁ ଆକ୍ରମଣ

**ହିଞ୍ଜିଳିକାଟୁ, ୨୮।୨(ଡି.ଏନ୍.ଏ):** ହିଞ୍ଜିଳି ଥାନା ଆଡ଼ପଡ଼ା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୁରୁବାର ଜଣେ ମହିଳାଙ୍କୁ ଶାବଳରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ସେ ହେଲେ ସୁକାନ୍ତି ଭଉଳ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଆଡ଼ପଡ଼ା ଡ଼ାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଏ ନେଇ ମହିଳାଙ୍କ ସ୍ୱାମୀ ସୁଶାନ୍ତ ଭଉଳ ଶୁକ୍ରବାର ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୬୪/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲାଇଥିବା ଆଇଆଇସି ଅଭିମନ୍ୟୁ ଦାସ କହିଛନ୍ତି।

### ଜାତୀୟ ବିଜ୍ଞାନ ଦିବସ

**ଦିଗପହଣ୍ଡି,୨୮।୨(ଡି.ଏନ.ଏ.):** ଦିଗପହଣ୍ଡି ସରସ୍ୱତୀ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶୁକ୍ରବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ଏବଂ ଭଗବତୀ ପ୍ରସାଦ ମିଶ୍ରଙ୍କ ମିଳିତ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମରୁ ନବମଶ୍ରେଣୀ ପର୍ଯ୍ୟନ୍ତ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଜ୍ଞାନ ସମ୍ବନ୍ଧିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଆଚାର୍ଯ୍ୟ ବାବୁଲା ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଆଚାର୍ଯ୍ୟ ଶିବକୁମାର ଗୌଡ ପରିଚାଳନା କରିଥିଲେ। ଏହି ଅବସରରେ ବିଜ୍ଞାନର ଅଗ୍ରଗତି ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଦୁଇଘଣ୍ଟା ବିଳମ୍ବରେ ଛାଡ଼ିଲା ଟ୍ରେନ୍

**ବ୍ରହ୍ମପୁର ଅଫିସ,୨୮।୨**

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଲାଗି ସ୍ୱତନ୍ତ୍ର ଟ୍ରେନ ଶୁକ୍ରବାର ବ୍ରହ୍ମପୁର ରେଳ ଷ୍ଟେଶନରୁ ଯାତ୍ରା ଆରମ୍ଭ କରିଛି। ଏହି ଟ୍ରେନକୁ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ମାତ୍ର ପର୍ଯ୍ୟଟନ ବିଭାଗ ଓ ବିଏମସି କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ତୀର୍ଥଯାତ୍ରୀଙ୍କ ତାଲିକାରେ ତ୍ରୁଟି ଥିବା ଦେଖିବାକୁ ମିଳିଥିଲା। ଫଳରେ ଟ୍ରେନ ଛାଡିବାରେ ବିଳମ୍ବ ହୋଇଥିଲା। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡାଙ୍କ ଦୃଷ୍ଟିଗୋଚର ପରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବଙ୍କ ଉପସ୍ଥିତିରେ ତ୍ରୁଟି ସମାଧାନ ପରେ ଟ୍ରେନଟି ୨ ଘଣ୍ଟା ବିଳମ୍ବରେ ବ୍ରହ୍ମପୁର ଷ୍ଟେଶନ ଛାଡିଥିଲା।

ତୀର୍ଥଯାତ୍ରା ପାଇଁ ଯିବାକୁ ବ୍ରହ୍ମପୁର ଆସି ପହଞ୍ଚିଥିଲେ। ତେବେ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ଅଞ୍ଚଳର

**ସମନ୍ୱୟ ଅଭାବରୁ ତୀର୍ଥଯାତ୍ରୀଙ୍କ ତାଲିକାରେ ତ୍ରୁଟି**



ଏମପି, ବିଧାୟକ ତାଲିକା ଯାଞ୍ଚ କରୁଛନ୍ତି ।

ସେଠାରେ ଅଭିଯୋଗ ହୋଇଥିଲା। ଏ ନେଇ ବିଏମସି ଅଞ୍ଚଳର କେତେଜଣ ପୂର୍ବତନ କର୍ପୋରେଟର ଓ ଜନପ୍ରତିନିଧି ଏମ୍‌ପି ଓ ଜିଲାପାଳଙ୍କୁ ଜଣାଇଥିଲେ। ପୁଣି ଯାଞ୍ଚ ହେବାରୁ ପର୍ଯ୍ୟଟନ ବିଭାଗ ଓ ବିଏମସି କର୍ତ୍ତୃପକ୍ଷଙ୍କ ସମନ୍ୱୟ ଅଭାବରୁ କିଛି ଯାତ୍ରୀଙ୍କ ନାମ ତାଲିକାରେ ନ ଥିବା ଜଣାପଡିଥିଲା। ଜିଲା ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ କହିଛନ୍ତି, ପୂର୍ବରୁ ୬୫ ଜଣଙ୍କ ନାମ ତାଲିକାରେ ସାମିଲ କରାଯାଇଥିଲା। ସିଟ ଖାଲି ରହିଥିବାରୁ ପରବର୍ତ୍ତୀ ସମୟରେ ବିଏମସି ଅଞ୍ଚଳର ଆଉ ୧୧୧ ଜଣଙ୍କୁ ତାଲିକାଭୁକ୍ତ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ତିମ ପର୍ଯ୍ୟାୟରେ କେତେଜଣଙ୍କ ନାଁ ତାଲିକାରେ ନ ଥିବା ଦେଖିବାକୁ ମିଳିଥିଲା। ଜିଲାପାଳ, ଉପଜିଲାପାଳ, ଏମପି, ବିଧାୟକଙ୍କ ସହଯୋଗକ୍ରମେ ବିଏମସିର ମୋଟ ୧୭୬ ତୀର୍ଥଯାତ୍ରୀଙ୍କୁ ଟିକେଟ ଦିଆଗଲା। ଏଥିପାଇଁ ଟ୍ରେନଟି ୨ ଘଣ୍ଟା ବିଳମ୍ବରେ ବ୍ରହ୍ମପୁର ଷ୍ଟେଶନରୁ ଛାଡିଥିବା ପର୍ଯ୍ୟଟନ ଅଧିକାରୀ କହିଛନ୍ତି।

# ଖୁସି ବଖାଣିଲେ ବରିଷ୍ଠ ନାଗରିକ

ବ୍ରହ୍ମପୁର ଅଫିସ,୨୮।୨–ପୂରଣ ହେବାକୁ ଯାଉଛି ଗରିବ ଶ୍ରେଣୀର ଲୋକଙ୍କ ତୀର୍ଥଯାତ୍ରା ସ୍ୱପ୍ନ। ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଏହି ସ୍ୱପ୍ନ ସାକର ହେବାକୁ ଯାଉଛି। ଏଭଳି ଖୁସି ବଖାଣିଛନ୍ତି ଶୁକ୍ରବାର ବ୍ରହ୍ମପୁରରୁ ରାମେଶ୍ୱର, ତିରୁପତି, ମଦୁରାଇ ଅଭିମୁଖେ ପ୍ରଥମଥର ପାଇଁ ଯାତ୍ରା ଆରମ୍ଭ କରିଥିବା ଦକ୍ଷିଣ ଓଡିଶାର କେତେଜଣ ବରିଷ୍ଠ ନାଗରିକ। ୨୦୧୬ରେ ରାଜ୍ୟରେ ଆରମ୍ଭ ହୋଇଥିଲା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା। ଚତୁର୍ଥ ବର୍ଷରେ ଏହି ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ତୀର୍ଥଯାତ୍ରା ବ୍ରହ୍ମପୁରରୁ ଆରମ୍ଭ ହୋଇଛି। ତୀର୍ଥଯାତ୍ରା କରୁଥିବା ବରିଷ୍ଠ ନାଗରିକଙ୍କ ପ୍ରତିକ୍ରିୟାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା......



“ ଆର୍ଥିକ ଅଭାବ ଯୋଗୁ ପୂର୍ବରୁ ତୀର୍ଥଯାତ୍ରା ପାଇଁ ଯାଇପାରି ନ ଥିଲି। ରାଜ୍ୟ ସରକାର ତୀର୍ଥଯାତ୍ରା ଯୋଜନାରେ ପ୍ରତିଥର ଆବେଦନ କରିଛି। କିନ୍ତୁ ସୁଯୋଗ ମିଳି ନ ଥିଲା। ଚଳିତଥର ତୀର୍ଥଯାତ୍ରା କରିବାର ସୁଯୋଗ ପାଇଛି। ସ୍ତ୍ରୀଙ୍କୁ ନେଇ ସ୍ୱତନ୍ତ୍ର ଟ୍ରେନରେ ତୀର୍ଥସ୍ଥାନ ବୁଲିବାକୁ ଯାଉଥିବାରୁ ଖୁସି ଲାଗୁଛି।

**–ସୁନ୍ଦର ଖରା , କୋରାପୁଟ**



“ ଆଗରୁ ତୀର୍ଥଯାତ୍ରାକୁ ଯିବା କଥା କେବେ ଚିନ୍ତା କରିପାରି ନ ଥିଲି। ତାହା ପୁଣି ଟ୍ରେନରେ ଓଡିଶା ବାହାରକୁ ଯିବା ସ୍ୱପ୍ନ ଥିଲା। କିନ୍ତୁ ରାଜ୍ୟ ସରକାରଙ୍କ ଏହି ଯୋଜନାରେ ତାହା ପୂରଣ ହୋଇଥିବାରୁ ବହୁତ ଖୁସି ଲାଗୁଛି। ପ୍ରଥମ ଥର ପାଇଁ ଓଡିଶା ବାହାରକୁ ସ୍ତ୍ରୀଙ୍କ ସହ ଯାଉଥିବାରୁ ଉତ୍କଣ୍ଠିତ ଅଛି।

**–ନୀଳ ନାଗ, ଲକ୍ଷ୍ମୀପୁର,କୋରାପୁଟ**



“ ତୀର୍ଥଯାତ୍ରା ପାଇଁ ଇଚ୍ଛା ଥିଲେ ବି ଅର୍ଥ ଅଭାବରୁ ଯାଇ ପାରୁ ନ ଥିଲି। ତିରୁପତି ଭଳି ତୀର୍ଥସ୍ଥାନ ଯିବା କଥା କେବେ ଭାବି ନ ଥିଲି। ଗାଁରେ ଏହି ଯୋଜନା ବିଷୟରେ ଶୁଣି ବହୁବାର ଆବେଦନ କରିଥିଲି। ଚଳିତଥର ସୁଯୋଗ ପାଇଥିବାରୁ ବହୁତ ଖୁସି ଅଛି। ଗୁରୁବାର ସନ୍ଧ୍ୟାରେ ବ୍ରହ୍ମପୁରରେ ପହଞ୍ଚିବା ପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଯେଉଁ ସମ୍ମାନ ଓ ସୁବିଧା ମିଳିଛି ତାହା ମନେ ରହିବ।

**–କୁମାର ବାଗ, ନବରଙ୍ଗପୁର**



“ ଅର୍ଥାଭାବ କାରଣରୁ ବାର୍ଦ୍ଧକ୍ୟ ଅବସ୍ଥାରେ ପ୍ରସିଦ୍ଧ ତୀର୍ଥସ୍ଥାନକୁ ଯିବାର ଇଚ୍ଛା ପୂରଣ ହୋଇ ନ ଥିଲା। କିନ୍ତୁ ଏହି ଯୋଜନାରେ ଏଥର ପ୍ରଥମଥର ପାଇଁ ବଡ ତୀର୍ଥସ୍ଥାନକୁ ଯାତ୍ରା କରିବାର ସୁଯୋଗ ଦେଇଛି। ଏଥିପାଇଁ ବହୁତ ଉତ୍ସାହିତ ଅଛି।

**– ରତନୀ ଗୌଡ, ନବରଙ୍ଗପୁର**



“ ଅପହଞ୍ଚ ଅଞ୍ଚଳ ହୋଇଥିବାରୁ ରାଜ୍ୟସରକାରଙ୍କ ଏହି ତୀର୍ଥଯାତ୍ରା ଯୋଜନା ସମ୍ପର୍କରେ ଜାଣି ପାରୁ ନ ଥିଲୁ। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଜାଣିବା ପରେ ଚଳିତବର୍ଷ ପ୍ରଥମ ଥର ପାଇଁ ଏହି ଯୋଜନାରେ ତୀର୍ଥଯାତ୍ରା ପାଇଁ ଆବେଦନ କରିଥିଲି। ପୂର୍ବରୁ କେବଳ ପୁରୀ ଯାଇଥିଲି। ଓଡିଶା ବାହାରକୁ ଯିବା ସୁଯୋଗ ପ୍ରଥମଥର ପାଇଁ ପାଇଛି। ସ୍ୱାମୀଙ୍କ ସହ ପ୍ରଥମ ଥର ଦୂରକୁ ତୀର୍ଥ କରିବାକୁ ଯାଉଥିବାରୁ ବେଶି ଖୁସି ଲାଗୁଛି।

**– ତୁଳସା ବିଷୋୟୀ, ଗଜପତି**

# ଅମିତ ଶାହାଙ୍କ କୁଶପୁତ୍ତଳିକା ପୋଡ଼ିଲା କଂଗ୍ରେସ



କଂଗ୍ରେସ ପକ୍ଷରୁ କୁଶପୁତ୍ତଳିକା ପୋଡ଼ାଯାଉଛି।

**ବ୍ରହ୍ମପୁର ଅଫିସ,୨୮।୨**

ବ୍ରହ୍ମପୁରସ୍ଥ ଗଞ୍ଜାମ ଜିଲା କଂଗ୍ରେସ କାର୍ଯ୍ୟାଳୟ ବାପୁଜୀ ଆଶ୍ରମ ଆଗରେ ଶୁକ୍ରବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ କୁଶପୁତ୍ତଳିକା ପୋଡ଼ା ଯାଇଥିଲା। ଦିଲ୍ଲୀରେ ସାମ୍ପ୍ରଦାୟିକ ଉତ୍ତେଜନାରେ ଅନେକ ମୃତାହତ ହୋଇଥିବା ଓ ଏବେ ବି ସେଠାରେ ଅଶାନ୍ତିର ନିଆଁ ଜଳୁଥିବା ବେଳେ ଏହାକୁ ରୋକିବାରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ବିଫଳତା ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଏପରି କରାଯାଇଥିଲା। ଜିଲା କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା ଏହାର ନେତୃତ୍ୱ ନେଇଥିଲେ। ଦିଲ୍ଲୀ ହିଂସାକାଣ୍ଡ ବେଳେ ପ୍ରଧାନମନ୍ତ୍ରୀ ଆମେରିକା ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ‘ନମସ୍ତେ ଟ୍ରମ୍ପ’ କାର୍ଯ୍ୟକ୍ରମରେ ବ୍ୟସ୍ତ ରହି ସାଧାରଣ ଲୋକଙ୍କୁ ମୃତ୍ୟୁମୁଖକୁ ଠେଲି ଦେଇଥିବା ପଣ୍ଡା ସମାଲୋଚନା କରିଥିଲେ। ଅନ୍ୟପକ୍ଷରେ ଦିଲ୍ଲୀ ପୋଲିସ ଗୃହ ମନ୍ତ୍ରଣାଳୟ ଅଧୀନ ଥିବା ସତ୍ତ୍ୱେ ସୁରକ୍ଷା ଯୋଗାଇ ନ ଥିବାରୁ ମନ୍ତ୍ରୀ ଶାହା ପଦବୀରୁ ଇସ୍ତଫା ଦେବା ପାଇଁ ଦାବି ହୋଇଥିଲା।

ପ୍ରତିବାଦ କାର୍ଯ୍ୟକ୍ରମରେ ବ୍ରହ୍ମପୁର ମହାନଗର କଂଗ୍ରେସ ସଭାପତି ପ୍ରମୋଦ କୁମାର ଜେନା, ଦଳୀୟ ନେତା ସଂଗ୍ରାମ ମହାନ୍ତି, ସାଇପ୍ରସାଦ ପାତ୍ର, ବୃନ୍ଦାବନ ଖଟାଇ, ପଦ୍ମଚରଣ ସାହୁ, ଭାଗୀରଥି ବେହେରା, ସୁବାସ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଜି.ଏରେୟା, ଗଣପତି ବାରିକ, ପି. ରାଜାରାଓ, ଉଦୟନାଥ ପାଣିଗ୍ରାହୀ, ଭୈରବ ପାତ୍ର, ସିଦ୍ଧାନ୍ତ କୁମାର ସାହୁ, ଛାତ୍ର କଂଗ୍ରେସ ନେତା ବିଜୟରାଜ ପାଣିଗ୍ରାହୀ, ଜ୍ଞାନ ରଞ୍ଜନ ରାଉତ ଓ ରବି ଅଧିକାରୀଙ୍କ ସମେତ ଅନେକ କର୍ମୀ ଉପସ୍ଥିତ ଥିଲେ। ଦିଲ୍ଲୀରେ ହିଂସା ପାଇଁ ଭାଜପା ନେତା ଓ କର୍ମୀଙ୍କୁ କଂଗ୍ରେସ ପକ୍ଷରୁ ଦାୟୀ କରାଯାଇଛି।

# ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୨୮।୨**

ବାଇକରୁ ଖସିପଡି ଗୁରୁତର ଆହତ ହୋଇ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣେ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ରାୟଗଡା ଜିଲା କଲ୍ୟାଣସିଂପୁର ଥାନା ଅନ୍ତର୍ଗତ ଡ଼ିମ୍ବିରିଗୁଡା ଗ୍ରାମର ଗଙ୍ଗାଧର କୌଶଲ୍ୟ (୨୧)। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୯୬/୨୦ରେ ଏକ ମାମଲା ରୁଜୁ କରିଛି। ଗତ ବୁଧବାର ଗଙ୍ଗାଧର ତାଙ୍କର ଜଣେ ବନ୍ଧୁଙ୍କ ବାଇକ ଧରି ନିକଟସ୍ଥ ଗ୍ରାମରୁ ଘରକୁ ଫେରୁଥିବା ବେଳେ ଏକ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ଖସିପଡିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ସ୍ଥାନୀୟ ହସ୍ପିଟାଲ, ପରେ ରାୟଗଡା ଜିଲା ଚିକିତ୍ସାଳୟ ନିଆଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ଗଙ୍ଗାଧରଙ୍କ ମୃତ୍ୟୁ ଘଟିଥିଲା।

# ପିତଳରେ ‘ଏକ ଭାରତ ଶ୍ରେଷ୍ଠ ଭାରତ’ କାର୍ଯ୍ୟକ୍ରମ

**ବ୍ରହ୍ମପୁର ଅଫିସ/ ଶେରଗଡ଼(ଡି.ଏନ୍.ଏ.),୨୮।୨**

କେନ୍ଦ୍ର ସରାକରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ ବ୍ରହ୍ମପୁର କ୍ଷେତ୍ର ଜନସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ପିତଳ ଗ୍ରାମରେ ‘ଏକ ଭାରତ ଶ୍ରେଷ୍ଠ ଭାରତ’ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଶେରଗଡ଼ ବିଡିଓ ସୁରଞ୍ଜନ ସାହୁ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ସମିତିସଭ୍ୟ ଭୋଳା ନାୟକ, ସରପଞ୍ଚ ରଙ୍ଗବତୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କ୍ଷେତ୍ର ପ୍ରଚାର ଅଧିକାରୀ ମନମୋହନ ପାଢ଼ୀ ଅତିଥିମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ପିତଳ କନିଷ୍ଠ ମହାବିଦ୍ୟାଳୟ ଅଧାପିକା କୁସୁମଲତା ମହାପାତ୍ର ଉପସ୍ଥିତ ରହି କେନ୍ଦ୍ର ଓ ରାଜ୍ୟ ସରକାର ଯେଉଁ ଯୋଜନା ପ୍ରଣୟନ କରୁଛନ୍ତି, ତାହାର ସଦୁପଯୋଗ କରି ଶ୍ରେଷ୍ଠ ଭାରତ ଗଢ଼ିବାକୁ କହିଥିଲେ। ଏହି ଅବସରରେ ରବି ନାରାୟଣ ଶତପଥୀ ଓ ସହଯୋଗୀ ଦାସକାଠିଆରେ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରିଥିଲେ। କ୍ଷେତ୍ର ପ୍ରଚାରକ ପାଢ଼ୀ ଜାତି, ବର୍ଣ୍ଣ, ଭାଷା ବିବିଧତା ମଧ୍ୟରେ ଏକତା ବଜାୟ ରଖିବାକୁ କହିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# କମାପଲ୍ଲୀରେ ଲୋକଙ୍କୁ ସଚେତନ କଲା ପୋଲିସ

**ବ୍ରହ୍ମପୁର ଅଫିସ,୨୮।୨**

ଦେଶରେ ସଂଶୋଧିତ ମୋଟରଯାନ ଆଇନ ଗତ ସେପ୍ଟେମ୍ବର ୧ରୁ ଲାଗୁ ହୋଇଛି। ଏହାକ୍ରମରେ ଟ୍ରାଫିକ କଡାକଡି କରାଯାଇଥିଲା। ତେବେ ରାଜ୍ୟରେ ଗାଡ଼ିମୋଟର କାଗଜପତ୍ର ଓ ଡ୍ରାଇଭିଂ ଲାଇସେନ୍ସ କରିବା ପାଇଁ ସରକାର ୨ଟି ପର୍ଯ୍ୟାୟରେ ୬ ମାସ ସମୟ ଦେଇଥିଲେ। ଶନିବାର ଏହି ଅବଧି ସରିବାକୁ ଯାଉଛି। ମାର୍ଚ୍ଚ ୧ ରୁ ନୂତନ ଟ୍ରାଫିକ ନିୟମ କଡାକଡି ଭାବେ ପାଳନ କରାଯିବ। ଏ ନେଇ ବ୍ରହ୍ମପୁର କମାପଲ୍ଲୀ ଛକରେ ଟ୍ରାଫିକ ଡିଏସପି ସାର୍ଥକ ରାୟ ଓ ଥାନାଧିକାରୀ ସୁନୀଲ ବେହେରା ଶୁକ୍ରବାର ଲୋକମାନଙ୍କୁ ସଚେତନ କରିଛନ୍ତି। ପ୍ରତ୍ୟେକ ଗାଡି ଚାଳକ ସେମାନଙ୍କର ଗାଡି ଗୁଡିକର ଆବଶ୍ୟକ କାଗଜପତ୍ର ଓ ନିଜ ନିଜର ଡ୍ରାଇଭିଂ ଲାଇସେନ୍ସ ଠିକ ରଖିବାକୁ ପରାମର୍ଶ ଦେଇଛନ୍ତି। କମାପଲ୍ଲୀ ଛକରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ଯାଏ ଟ୍ରାଫିକ ପୋଲିସ, ଷ୍ଟୁଡେଣ୍ଟ ଟ୍ରାଫିକ ଭଲ୍ୟୁଣ୍ଟର, ଖଲ୍ଲିକୋଟ କଲେଜର ଏନସିସି ଛାତ୍ରମାନେ ଗାଡିଚାଳକକମାନଙ୍କୁ ଏ ନେଇ ସଚେତନ କରିଥିଲେ। ଗାଡି ଚଳାଇବା ବେଳେ ହେଲମେଟ ପିନ୍ଧିବା, ବାଇକ୍‌ରେ ୩ ଜଣ ନ ବସିବା, ଗାଡି ଚଳାଇବା ବେଳେ ଫୋନରେ କଥା ନ ହେବାକୁ ପରାମର୍ଶ ଦେଇଥିଲେ। ସେହିପରି ୪ଚକିଆ ଗାଡି ଚାଳକମାନେ ସିଟ ବେଲ୍ଟ ବାନ୍ଧିବା, ଆଗ ସିଟରେ ବସିଥିବା ବ୍ୟକ୍ତିଙ୍କୁ ମଧ ସିଟ ବେଲ୍ଟ ବାନ୍ଧିବାକୁ ପୁହାଯାଇଥିଲା। ୧ରୁ ଯେଉଁ ଗାଡିଚାଳକ ମାନେ ଟ୍ରାଫିକ ନିୟମ ଉଲ୍ଲଂଘନ କରିବେ ସେମାନେ ନୂତନ ଆଇନ ଅନୁସାରେ ମୋଟା ଅଙ୍କର ଜରିମାନା ଦେବେ ବୋଲି ପୋଲିସ ସୂଚନା ଦେଇଛି।

**୧ରୁ ଟ୍ରାଫିକ ନିୟମ କଡାକଡି**

# ତ୍ରୁଟିପୂର୍ଣ୍ଣ କୃଷି ନୀତିରୁ ସଙ୍କଟରେ ଚାଷୀ

**ବ୍ରହ୍ମପୁର ଅଫିସ,୨୮।୨**

ଗଞ୍ଜାମ କିଷାନ କଂଗ୍ରେସର ଜିଲାସ୍ତରୀୟ କୃଷକ ଅଧିକାର କର୍ମଶାଳା ବ୍ରହ୍ମପୁରସ୍ଥିତ ଦଳୀୟ କାର୍ଯ୍ୟାଳୟ ବାପୁଜୀ ଆଶ୍ରମରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ସରକାରଙ୍କ କୃଷିନୀତି ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ ବୋଲି କର୍ମଶାଳାରେ ଅଭିଯୋଗ ହୋଇଥିଲା। କୃଷକଙ୍କ ଆର୍ଥିକ ସ୍ଥିତି ସୁଧାରିବାରେ ଉଭୟ ସରକାର ଆଖି ବୁଜି ଦେଇଥିବା ସମାଲୋଚନା କରାଯାଇଥିଲା। ଏଥିରେ ଅଖିଳ ଭାରତ କିଷାନ କଂଗ୍ରେସ ଉପାଧ୍ୟକ୍ଷ ସୁରେନ୍ଦ୍ର ପୋଲାଙ୍କ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦେଶରେ ଚାଷୀମାନେ ବିଭିନ୍ନ ସୁବିଧାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଥିଲେ। କୃଷି ବୀମା ବାବଦରେ ଚାଷୀଙ୍କଠାରୁ ୭୨ ହଜାର କୋଟି ଟଙ୍କା ପ୍ରିମିୟମ ଆକାରରେ ନିଆଯାଇଛି ଏବଂ କ୍ଷତିପୂରଣ ବାବଦରେ ୫୨ ହଜାର କୋଟି ଦିଆଯାଇ ୨୦ ହଜାର କୋଟି ଘରୋଇ କମ୍ପାନୀ ହଡ଼ପ କରିଛି। ଉକ୍ତ କମ୍ପାନୀଗୁଡିକ କେନ୍ଦ୍ର ସରକାରଙ୍କ ବାହୁଛାୟା ତଳେ ଥିବା ସୋଲାଙ୍କି କଟାକ୍ଷ କରିଥିଲେ। ସେ ଆହୁରି କହିଥିଲେ, କେନ୍ଦ୍ର ସରକାର ସ୍ୱାମୀନାଥନ କମିଶନଙ୍କ ସୁପାରିସ ଅଦ୍ୟାବଧି କାର୍ଯ୍ୟକାରୀ କରିନାହାନ୍ତି। ଚାଷୀଙ୍କ ଉତ୍ପାଦିତ ଫସଲର ସଠିକ ମୂଲ୍ୟ ମିଳୁନାହିଁ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଓ କୃଷି ସିଞ୍ଚନ ଯୋଜନା ଫେଲ ମାରିଛି। ଶିଳ୍ପପତିଙ୍କୁ କୋଟି କୋଟି ଟଙ୍କା ଋଣ ଛାଡ଼ କରାଯାଉଥିବା ବେଳେ ଚାଷୀଙ୍କ କୃଷିଋଣ ଛାଡ଼ ପାଇଁ ମୋଦି ସରକାର ମୁହଁ ମୋଡୁଛନ୍ତି। ଏହାର ପ୍ରତିବାଦରେ କିଷାନ କଂଗ୍ରେସ ବଡ଼ ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଥିଲେ।

ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ରୂପେ ଯୋଗଦେଇ ରାଜ୍ୟରେ ଚାଷୀଙ୍କ ସଙ୍କଟ ନେଇ ବଖାଣିଥିଲେ। ଜିଲା କିଷାନ କଂଗ୍ରେସ ସଭାପତି ବୃନ୍ଦାବନ ଖଟେଇ କର୍ମଶାଳାରେ ଅଧକ୍ଷତା କରିଥିବା ବେଳେ କେନ୍ଦ୍ରୀୟ ଯୁଗ୍ମ ସମ୍ପାଦକ ରଶ୍ମିରଞ୍ଜନ ପଟ୍ଟନାୟକ, ଗଞ୍ଜାମ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡାଙ୍କ ସମେତ ପଦ୍ମଚରଣ ସାହୁ, ସାଇପ୍ରସାଦ ପାତ୍ର, ସୁବାସ ରାଉତ, ଶ୍ୟାମ ସୁନ୍ଦର ଦୋରା ପ୍ରମୁଖ ଗଞ୍ଜାମ ଜିଲାରେ ଧାନର ଅଭାବୀ ବିକ୍ରି ସମେତ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଜିଲା ଗଞ୍ଜାମରେ ଚାଷୀଙ୍କ ଅବସ୍ଥା ଅଧିକ ସଙ୍କଟାପନ୍ନ ହୋଇଥିବା ସେମାନେ ଦର୍ଶାଇଥିଲେ। କର୍ମଶାଳାରେ ଜିଲାର ବିଭିନ୍ନ ସ୍ଥାନରୁ ଶତାଧିକ ଚାଷୀ ଯୋଗ ଦେଇଥିଲେ। ଅନେକ ମହିଳା ଚାଷୀ ଉପସ୍ଥିତ ଥିଲେ।



କର୍ମଶାଳାରେ ମଞ୍ଚାସୀନ ନେତାମାନେ ।

■ କିଷାନ କଂଗ୍ରେସର କୃଷକ ଅଧିକାର କର୍ମଶାଳା
■ କେନ୍ଦ୍ର, ରାଜ୍ୟ ସରକାରଙ୍କୁ ସମାଲୋଚନା

**PARADIP PORT TRUST**

**E-AUCTION NOTICE**
NO.EM/MM/SCRAP-12-2019/55
Dtd. 20.02.2020
Paradip Port Trust intent to dispose off Spillage Iron Ore on "as is where is basis" by e-auction through M/s. MSTC. For details interested bidders may log on to MSTC website www.mstcindia.co.in/ www.mstcecommerce.com
Sr. Dy. Materials Manager
PPT/PR/691/19-20 Dt. 28.02.2020

**ପୂର୍ବ ତଟ ରେଳପଥ**
**ନିର୍ମାଣ କାର୍ଯ୍ୟ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMSBP2020015, ତା: 24.02.2020
କାର୍ଯ୍ୟର ନାମ : ତାଳଚେର ରୋଡ଼ ଠାରେ ଫ୍ଲାଇ ଓଭର ସହିତ ଜରପଡ଼ା ଏବଂ ବୁଢ଼ାପଙ୍କ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍ : ଜରପଡ଼ା ଷ୍ଟେସନ ଠାରୁ ତାଳଚେର ରୋଡ଼ ଷ୍ଟେସନ ପର୍ଯ୍ୟନ୍ତ ତୃତୀୟ ଏବଂ ଚତୁର୍ଥ ଲାଇନ୍ ଏବଂ ତାଳଚେର ରୋଡ଼ ଠାରୁ ତାଳଚେର ଚତୁର୍ଥ ଲାଇନ୍ : ଟ୍ରାକ୍ ସଂଯୋଗ (Linking of Track), ପଏଣ୍ଟ ଏବଂ କ୍ରସିଙ୍ଗଗୁଡ଼ିକର ଅନ୍ତଃସ୍ଥାପନ (Insertion) ଏବଂ ବିଛାଇବା, ଟ୍ରାକ୍‌ର ଆଲୁମିନା ଥର୍ମିକ(AT) ୱେଲ୍ଡିଙ୍ଗ, P.Way ସାମଗ୍ରୀଗୁଡ଼ିକର ପରିବହନ, ବାଲାଷ୍ଟକୁ ଗୋଟିଏ ସ୍ଥାନରୁ ଉଠାଇ ଅନ୍ୟ ସ୍ଥାନ ପର୍ଯ୍ୟନ୍ତ ନେଇଯିବା (Leading & Spreading) ଏବଂ ବିଛାଇବା କାର୍ଯ୍ୟ, ଲେଭେଲ କ୍ରସିଙ୍ଗଗୁଡ଼ିକ ଠାରେ ଲିଫ୍ଟିଙ୍ଗ ବାରିଅର (Lifting Barriers)ଗୁଡ଼ିକର ଯୋଗାଣ ଏବଂ ସ୍ଥାପନ ଭଳି P.Way କାର୍ଯ୍ୟ ତଥା ଅନ୍ୟ ସମ୍ପର୍କିତ କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): ₹ 2339.12 ଲକ୍ଷ, EMD (ଟଙ୍କାରେ) : ₹ 13,19,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 24(ଚବିଶି)ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.03.2020ରିଖ 1200 ଘଡିକାରେ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ଟେଣ୍ଡର ମୂଲ୍ୟ ତୁଳନାରେ 10% ରୁ କମ୍ ମୂଲ୍ୟର ପ୍ରସ୍ତାବ ପ୍ରଦାନ କରୁଥିବା ଟେଣ୍ଡରଦାତାମାନଙ୍କୁ ପ୍ରସ୍ତାବ ସ୍ୱୀକୃତ ହେବା ସ୍ଥିତିରେ ସେହି ମାତ୍ରାରେ ପ୍ରତିଶତ ଅତିରିକ୍ତ ପର୍ଫରମାନ୍ସ ଗ୍ୟାରେଣ୍ଟି ଦାଖଲ କରିବାକୁ ହେବ, ଯେଉଁ ମାତ୍ରାରେ 10 ପ୍ରତିଶତରୁ କମ୍ ପ୍ରସ୍ତାବ ଦିଆଯାଇଛି।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-128/CC/19-20

**WANTED TEACHERS**
The Managing Committee of the Government aided schools of Suroda, Ganjam, Odisha managed by the Roman Catholic Mission invites applications from eligible candidates for the following vacancies.

| Name of the School | Name of the Post | No. of Posts |
| --- | --- | --- |
| 1. Technical High School Suroda, Ganjam | Asst. Tr. TGT Sc. (CBZ) | 1 |
| | Sanskrit Teacher | 1 |
| 2. R.C.M. UP (M.E.) School Suroda, Ganjam | Asst. Tr. | 2 |
| 3. R.C.M. Boys Primary School Suroda, Ganjam | Asst. Tr. | 2 |

Interested candidates should submit their application along with the biodata & xerox copies of relevant certificates by registered post to 'The Correspondent, R.C.M. managed Schools, Suroda, Ganjam, Odisha, 761108'. So as to reach the undersigned on or before Dt. 09th March 2020. Candidates applying for the posts must have passed OTET or OSSTET (as per requirement) and should follow the criteria as prescribed by Government.
N.B. Applicants are requested to provide their mobile number and email ID.
To The Secretary, Correspondence R.C.M. Managed Schools
Suroda, Ganjam, Odisha-761108, Ph.: 6371771682, Email ID: deelipnayak@gmail.com

## ସଂକ୍ଷେପରେ

### ସହାୟତାର ହାତ ବଢ଼ାଇଲେ ଜିଲାପାଳ ସ୍ୱାବଲମ୍ବୀ ହେବେ ଦିବ୍ୟାଙ୍ଗ ମହିଳା

**ଛତ୍ରପୁର,୨୮।୨(ଡି.ଏନ.ଏ):** କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଯୋଗିଆପଲ୍ଲୀ ଗାଁର ଦିବ୍ୟାଙ୍ଗ ମହିଳା ଗୀତାଞ୍ଜଳି ପାଣିଗ୍ରାହୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଜିଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛି । ଉଚ୍ଚଶିକ୍ଷିତା ଏହି ମହିଳା ଜଣକ ପୋଲିଓରେ ଆକ୍ରାନ୍ତ ହୋଇ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଛନ୍ତି। ଆତ୍ମନିର୍ଭରଶୀଳ ହେବା ପାଇଁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ସେ ଅଭିଯୋଗ ଶୁଣାଣିରେ ଦରଖାସ୍ତ ଦେଇଥିଲେ । ତେବେ ତାଙ୍କୁ କ'ଣ ସବୁ ସହାୟତା ଦିଆଯାଇଛି ଜିଲାପାଳ ଜାଣିବାକୁ ଚାହିଁଥିଲେ । ଗୀତାଞ୍ଜଳିଙ୍କୁ ଇନ୍ଦିରା ଆବାସ ପାଇଁ ୭୫ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ବ୍ୟକ୍ତିଗତ ପାଇଖାନା ନିର୍ମାଣ ପାଇଁ ଅର୍ଥ ଦିଆଯାଇଛି । ଅନ୍ନପୂର୍ଣ୍ଣା ଯୋଜନାରେ ହିତାଧିକାରୀ ଭାବେ ସେ ମାସିକ ୧୦ କି.ଗ୍ରା ଚାଉଳ ପାଉଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମରେ ମାସିକ ଚାଉଳ, ଗହମ ଓ ୨ ଲିଟର କିରୋସିନ ପାଉଛନ୍ତି। ତାଙ୍କୁ ଭିନ୍ନକ୍ଷମ ବସପାସ୍ ସହ ଏକ ହଳ ଆଶାବାଡି ଓ ବିଭିନ୍ନ ସମୟରେ ଟ୍ରାଇସାଇକେଲ ଦିଆଯାଇଛି । ଦରଖାସ୍ତକୁ ଅନୁଧ୍ୟାନ କରି ଆତ୍ମନିର୍ଭରଶୀଳ ପାଇଁ ଗୀତାଞ୍ଜଳିଙ୍କୁ ବ୍ୟାଙ୍କ ସହାୟତାରେ ଡିଆରଆଇ ଲୋନ୍ ପ୍ରଦାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

### ବିବାହ ପୂର୍ବରୁ ନାବାଳିକା ଉଦ୍ଧାର

**ଫିରିଙ୍ଗିଆ,୨୮।୨:** ବିବାହ ପାଇଁ ବରଘରେ ଥିବା ଜଣେ ନାବାଳିକାଙ୍କୁ ପୋଲିସ, ଚାଇଲ୍ଡ ଲାଇନ ଓ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପକ୍ଷରୁ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ତାଙ୍କୁ ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରାଯାଇଥିଲା। ଅଧକ୍ଷ ଅଶୋକ ବେହେରା ବାଲିଗୁଡ଼ା ସ୍ଥିତ ବନବାସୀ ସେବା ସମିତି ଶିଶୁ ଯତ୍ନ ଗୃହରେ ଅସ୍ଥାୟୀ ଭାବେ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। କେଳାପଡ଼ା ପଞ୍ଚାୟତର ଜଣେ ଯୁବକଙ୍କ ଘରେ ଖଜୁରିପଡ଼ା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ ପାଇଁ ଆଣି ପରିବାର ସହମତିରେ ରଖାଯାଇଥିଲା। ଏନେଇ ଚାଇଲ୍ଡ ଲାଇନ ହେଲ୍ପ ନମ୍ବରକୁ ଖବର ମିଳିବା ପରେ ଫିରିଙ୍ଗିଆ ସିଡିପିଓ ମଞ୍ଜୁଳା ପ୍ରଧାନଙ୍କ ନେତୃତ୍ୱରେ କାଉନ୍ସେଲର ସୁପ୍ରଭା ନାୟକ ଓ ସଭ୍ୟ ଅନୁପ କୁମାର ସାହୁ ଓ ଫିରିଙ୍ଗିଆ ପୋଲିସ ପହଞ୍ଚି ଉଦ୍ଧାର କରିଥିଲେ।

### ବସ୍ ଓଲଟି କଣ୍ଡକ୍ଟର ଆହତ



**ଜଗନ୍ନାଥପ୍ରସାଦ,୨୮।୨(ଡି.ଏନ୍.ଏ.):** ଭୁବନେଶ୍ୱରରୁ ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳ କାଦୁଆକୁ ଆସୁଥିବା ଅମ୍ବିକା ନାମକ ଏକ ଯାତ୍ରିବାହୀ ବସ୍ (ନଂ.ଓଆର୦୨ବିକ୍ୟୁ-୪୩୯୫) ଶୁକ୍ରବାର ସନ୍ଧ୍ୟା ପ୍ରାୟ ୮ଟାରେ ଦଶଫୁଟିଆ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ରେ କେହି ଯାତ୍ରୀ ନ ଥିବାରୁ ଏକ ବଡ ଦୁର୍ଘଟଣା ଟଳିଯାଇଛି। ରାସ୍ତା କଡରେ ଥିବା ଏକ ଅର୍ଦ୍ଧନିର୍ମିତ ଘରକୁ ଧକ୍କା ଦେଇ ବସ୍‌ଟି ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ କଣ୍ଡକ୍ଟର ବାପି ପ୍ରଧାନ ଆହତ ହୋଇଥିବାବେଳେ ଚାଳକ ବାବୁଲି ଖାନ୍ ଓ ହେଲ୍‌ପର ଫେରାର ହୋଇ ଯାଇଛନ୍ତି। ଗାଡିଟିକୁ ହେଲ୍‌ପର ଚଳାଉଥିବାରୁ ଦୁର୍ଘଟଣା ଘଟିଥିବା କଣ୍ଡକ୍ଟର କହିଛନ୍ତି।

### ବାଲ୍ୟ ବିବାହ ବନ୍ଦ କଲା ପ୍ରଶାସନ

**ବେଗୁନିଆପଡ଼ା,୨୮।୨(ଡି.ଏନ.ଏ.):** ବେଗୁନିଆପଡ଼ା ବ୍ଲକ ଷଣ୍ଡମୂଳ ପଞ୍ଚାୟତର ଶାଳବଣ ଗାଁରେ ଶୁକ୍ରବାର ଜଣେ ନାବାଳିକାଙ୍କ ବିବାହ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। ଉକ୍ତ ନାବାଳିକା ଜଣକ ୧୦ମ ଶ୍ରେଣୀରେ ପଢୁଥିବା ବେଳେ ଚଳିତ ମାଟ୍ରିକ ପରୀକ୍ଷା ଦେଇନଥିଲେ। ଏହାର କାରଣ ପାଇଁ ଶିକ୍ଷା ବିଭାଗ ତଦନ୍ତ ବେଳେ ତାଙ୍କର ବିବାହ ହେବ ବୋଲି ଜାଣିବାକୁ ପାଇଥିଲେ। ପରେ ସିଡିପିଓ ସନ୍ଧ୍ୟାରାଣୀ ପାଣିଗ୍ରାହୀଙ୍କ ସହ ବ୍ରହ୍ମପୁର ଚାଇଲ୍ଡ ହେଲ୍ପ ଲାଇନ କର୍ମଚାରୀ ସାଇ ପ୍ରସାଦ ସାମଲ, ବିଇଓ କମଳକାନ୍ତ ସାହୁ, ସିଆର୍‌ସିସି ରବୀନ୍ଦ୍ର ନାଥ ମହାରଣା, ପ୍ରଧାନ ଶିକ୍ଷକ ବିଜୟ କୁମାର ନାୟକ, ବେଗୁନିଆପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିବାହ ବନ୍ଦ କରିବା ସହ ଚାଇଲ୍ଡ କେୟାରକୁ ପଠାଇବା ପାଇଁ କହିଥିଲେ। ଝିଅକୁ ୧୮ ବର୍ଷ ନ ହେବା ପର୍ଯ୍ୟନ୍ତ ବିବାହ କରାଇବେ ନାହିଁ ବୋଲି ବାପା ଲିଖିତ ଭାବେ ଜଣାଇବାପରେ ପ୍ରଶାସନ ଫେରିଥିଲା।

# ଅଙ୍ଗଦାନ ପାଇଁ ସଚେତନ କରୁଛନ୍ତି ପ୍ରମୋଦ

- ବାଇକ୍‌ରେ କରୁଛନ୍ତି ଭାରତ ଯାତ୍ରା
- ପୂର୍ବରୁ କିଡ୍‌ନୀ ଦାନ କରିସାରିଛନ୍ତି
- ୧୫ କୋଟି ଲୋକଙ୍କୁ ସଚେତନ ଲକ୍ଷ୍ୟ

**ଛତ୍ରପୁର,୨୮।୨(ଡି.ଏନ.ଏ)**

ଅଙ୍ଗଦାନ ପାଇଁ ଲୋକଙ୍କୁ ସଚେତନ କରିବାକୁ ମହରାଷ୍ଟ୍ରରୁ ୬୮ ବର୍ଷୀୟ ପ୍ରମୋଦ ମହାଜନ ବାଇକ୍‌ରେ ଭାରତ ଅର୍ଗାନ ଯାତ୍ରାରେ ବାହାରିଛନ୍ତି। ବୟସ ପାଖରେ ହାର ନମାନି ସେ ଏହି ମହତ୍ କାମ ପାଇଁ ପୂରା ଭାରତ ଯାତ୍ରା କରିବାକୁ ଲକ୍ଷ ରଖିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଛତ୍ରପୁରଠାରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାପାଳ ମଧ୍ୟ ତାଙ୍କ ମହତ୍ କାମକୁ ପ୍ରଶଂସା କରିବା ସହ ପରିଣତ ବୟସରେ ଏପରି ଭାରତ ସାରା ବୁଲିବା ସହଜ ନୁହେଁ ବୋଲି କହିଥିଲେ। ଏନେଇ ତାଙ୍କୁ ଜିଲାପାଳ ଧନ୍ୟବାଦ ଜଣାଇଥିଲେ। ଗଞ୍ଜାମ ଜିଲାରେ ମଧ୍ୟ ଭଞ୍ଜନଗର ଓ ଦିଗପହଣ୍ଡି ଅଞ୍ଚଳର ୨ ଜଣ ଏପରି ଅଙ୍ଗଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମଧ୍ୟ ଏଥିପାଇଁ ସୁରଜ୍ ଆୱାର୍ଡ ଆରମ୍ଭ କରିଛନ୍ତି। ଯିଏ ଅଙ୍ଗଦାନ କରିବ ତାଙ୍କୁ ଏହି ଆୱାର୍ଡ ଦିଆଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ଶୁକ୍ରବାର ସକାଳେ



ଜିଲାପାଳଙ୍କ ସହ ପ୍ରମୋଦ।

ପ୍ରମୋଦ ବ୍ରହ୍ମପୁର ସହରରେ ପହଞ୍ଚି ବୁଲି ବୁଲି ଅଙ୍ଗଦାନ ପାଇଁ ଲୋକଙ୍କୁ ସଚେତନ ସହ ଅନୁରୋଧ କରିଥିଲେ। ଜଣେ ଜୀବିତ ଅବସ୍ଥାରେ ନିଜର କିଡ୍‌ନୀ, ଲିଭର୍ ଆଦି ବିଭିନ୍ନ ଅଙ୍ଗ ଦାନ କରି ୮ ଜଣଙ୍କ ଜୀବନ ବଞ୍ଚାଇପାରିବେ। ଯାହାର ବ୍ରେନ୍ ଡେଡ୍ ହୋଇଯାଏ ସେ ମଧ୍ୟ ଆଖି, ହାର୍ଟ ଦାନ କରି ଲୋକଙ୍କୁ ବଞ୍ଚାଇପାରିବେ ବୋଲି ମହାଜନ କହିଛନ୍ତି। ଏପରିକି ଜଣଙ୍କ ମୃତ୍ୟୁର ୬ ଘଣ୍ଟା ମଧ୍ୟରେ ଆଖି ଓ ମୃତଦେହ ଦାନ କରିପାରିବେ। ଏ ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ ଭାରତ ସାରା ବୁଲୁଛି ବୋଲି ପ୍ରମୋଦ କହିଛନ୍ତି।

ତାଙ୍କ ଗାଁର ଜଣେ ସାମରିକ କର୍ମଚାରୀଙ୍କ ୨ଟି କିଡ୍‌ନୀ ଖରାପ ହୋଇଯାଇଥିବାରୁ ପ୍ରମୋଦ ଗୋଟିଏ କିଡ୍‌ନୀ ୨୮ ଅକ୍ଟୋବର ୨୦୦୦ରେ ତାଙ୍କୁ ଦାନ ମଧ୍ୟ କରିସାରିଛନ୍ତି। ଏବେ ତାଙ୍କର ଗୋଟିଏ କିଡ୍‌ନୀ ଅଛି। ଏଥିସହ ଗତ ୨୦୧୮-୧୯ରେ ମଧ୍ୟ ୧୯ ରାଜ୍ୟ ବୁଲି ୧୦୦ ଦିନରେ ୧୨ ହଜାର ୫ଶହ କିମି ଅତିକ୍ରମ କରି ଏପରି ସେ ସଚେତନ କରିଛନ୍ତି। ଏଥିପାଇଁ ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ତାଙ୍କର ନାଁ ରହିଛି। ତାଙ୍କ ଘର ମହାରାଷ୍ଟ୍ର ରାଜ୍ୟ ସାଙ୍ଗଲି ଜିଲା ଧବାଲି ଗାଁରେ। ବୃତ୍ତିରେ ସେ ଜଣେ ଚାଷୀ। ତାଙ୍କର ୨ ପୁଅ ଓ ୨ ଝିଅ ଅଛନ୍ତି। ଜାନୁୟାରୀ ୧୮ରେ ସେ ବାଇକ୍‌ରେ ଏହି ଯାତ୍ରା ଆରମ୍ଭ କରି ବର୍ତ୍ତମାନ ସୁଦ୍ଧା ମହାରାଷ୍ଟ୍ର, ଗୋଆ, କର୍ନାଟକ, କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ପରିକ୍ରମା ପରେ ଓଡିଶାର ଗଞ୍ଜାମ ଜିଲାରେ ପହଞ୍ଚିଛନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନ ବୁଲିବାପରେ ପଶ୍ଚିମବଙ୍ଗ, ଝାଡଖଣ୍ଡ, ଆସାମ, ବିହାର, ଉତ୍ତରପ୍ରଦେଶ ଆଦି ରାଜ୍ୟ ବୁଲି ଘରକୁ ଫେରିବେ।

# ସାମୁଦ୍ରିକ ବିଜ୍ଞାନ ବିଭାଗ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ




ଭାରତୀୟ ପାଣିପାଗ ବିଭାଗର ମହା ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ବ୍ରହ୍ମପୁର ଅଫିସ, ୨୯।୨**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ସାମୁଦ୍ରିକ ବିଜ୍ଞାନ ବିଭାଗ ପକ୍ଷରୁ ୩ ଦିନିଆ ଜାତୀୟ ସମ୍ମିଳନୀ ଉଦଘାଟିତ ହୋଇଯାଇଛି । ଏହାକୁ ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ପ୍ରଫେସର କାଳୀଚରଣ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ଗୋବିନ୍ଦ ଜେ. ଚକ୍ରପାଣି ସ୍ୱାଗତ ଭାଷଣ ଦେଇଥିଲେ । ପ୍ରଫେସର ସରୋଜ କୁମାର ମହାନ୍ତି, ଉମା ଚରଣ ମହାନ୍ତି ଓ ଶିଶିର କୁମାର ଦାଶଙ୍କ ସମେତ ସାମୁଦ୍ରିକ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ପ୍ରତାପ ଚନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉପକୂଳ ସମୁଦ୍ର, ବାୟୁମଣ୍ଡଳ ଓ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଉପରେ ମତରଖି ଅତିଥିମାନେ କହିଥିଲେ, ଦିନକୁଦିନ ଉପକୂଳ ସମୁଦ୍ର ଦୂଷିତ ହେବାରେ ଲାଗିଛି । ସମୁଦ୍ର ପାଣି ଦୂଷିତ ହେବା ଦ୍ୱାରା ଜୈବବିବିଧତା ପ୍ରତି ସଂକଟ ସୃଷ୍ଟି କରୁଛି । ଏହା ପରିବେଶବିଜ୍ଞାନୀମାନଙ୍କୁ ଚିନ୍ତାରେ ପକାଇଛି । ସୁନାମୀ, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ସୃଷ୍ଟି ହେବା ଫଳରେ ଉପକୂଳବର୍ତ୍ତୀ ଅଞ୍ଚଳ କ୍ଷତିଗ୍ରସ୍ତ ହେଉଛି । ସମୁଦ୍ର ଉପକୂଳ ଅଞ୍ଚଳଗୁଡ଼ିକ କିପରି ଦୂଷିତ ନ ହେବ ତାହା ଉପରେ ଅତିଥିମାନେ ଅନୁଶୀଳନ କରିଥିଲେ । ଏହି ଅବସରରେ ପାଣିପାଗ ବିଭାଗର ମହା ନିର୍ଦ୍ଦେଶକ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା ।

# ପ୍ରତ୍ୟେକ ଶିଶୁ ଚାହିଁଲେ ବୈଜ୍ଞାନିକ ହୋଇପାରିବେ



କୃତୀ ଛାତ୍ରୀଙ୍କୁ ଏସ୍‌ପି ପ୍ରତୀକ ସିଂ ପୁରସ୍କୃତ କରୁଛନ୍ତି।

**ଜାତୀୟ ବିଜ୍ଞାନ ଦିବସ ପାଳିତ**

**ଫୁଲବାଣୀ ଅଫିସ, ୨୮।୨**

କନ୍ଧମାଳ ବିଜ୍ଞାନ ପାର୍କ ପରିସରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। କନ୍ଧମାଳ ଏସ୍‌ପି ପ୍ରତୀକ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ର ସମାଜ ପାଇଁ ବିଜ୍ଞାନର ଆବଶ୍ୟକତା ସମ୍ପର୍କରେ କହିଥିଲେ। ବିଜ୍ଞାନ କଣ, ଆମର ବିକାଶ ପାଇଁ ଏହାର ଆବଶ୍ୟକତା ସମ୍ପର୍କରେ କହିବା ସହ ପ୍ରତ୍ୟେକ ଶିଶୁ ଚାହିଁଲେ ଭବିଷ୍ୟତରେ ବୈଜ୍ଞାନିକ ହୋଇପାରିବେ। ଏଥିପାଇଁ କେବଳ ନିଜର ପ୍ରଚେଷ୍ଟା ଓ ଆତ୍ମବିଶ୍ୱାସ ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ଫୁଲବାଣୀ ପୌର ପରିଷଦ ନିର୍ବାହୀ ଅଧିକାରୀ ବଳଦେବ ବେହେରା ଫୁଲବାଣୀରେ ବିଜ୍ଞାନ ପାର୍କର ଆବଶ୍ୟକତା ସମ୍ପର୍କରେ କହିଥିଲେ। ବରିଷ୍ଠ ଆଇନଜୀବୀ ବିଜୟକୃଷ୍ଣ ପଟ୍ଟନାୟକ ଜାତୀୟ ବିଜ୍ଞାନ ଦିବସର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବରୁ ଅନୁଷ୍ଠିତ କୁଇଜ୍ ଓ ଚିତ୍ରକଳା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ ସହ ଅଂଶଗ୍ରହଣକାରୀମାନଙ୍କୁ ମଧ୍ୟ ମୁଖ୍ୟଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ବିଜ୍ଞାନୀ ଜାକିରଙ୍କ ଦ୍ୱାରା ବିଜ୍ଞାନଭିତ୍ତିକ ଖେଳ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ବିଜ୍ଞାନ ଭିତ୍ତିକ ଚିତ୍ରକଳାର ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଥିଲା। ସ୍ୱାତୀର କର୍ମୀ ପ୍ରଦୀପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଶେଷରେ ଅଶୋକ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଇନ୍ସ ସୁପରଭାଇଜର ଅଶୋକ କୁମାର ପାତ୍ର, ବିଜ୍ଞାନ ଶିକ୍ଷକ କୈଳାସ ଚନ୍ଦ୍ର ସ୍ୱାଇଁ, ସନ୍ତୋଷ କୁମାର ରଥ, ଯୁଧିଷ୍ଠିର ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ବାଇକ୍ ଧକ୍କାରେ ୨ ଗୁରୁତର

**ଚିକିଟି,୨୮।୨(ଡି.ଏନ.ଏ.)**

କେ.ନୂଆଗାଁ ଥାନା ଚିକିଟିପେଣ୍ଠ ସ୍ଥିତ ସାନବଜାର ଛକରେ ଶୁକ୍ରବାର ଜଣେ ବାଇକ୍ ଆରୋହୀ ମହିଳାକୁ ଧକ୍କା ଦେବାରୁ ଉଭୟ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଚିକିଟିପେଣ୍ଠର ରଙ୍ଗବତୀ ସାହୁ (୫୦), ବାଇକ୍ ଆରୋହୀ ବଡଗାଁର ଅନୀଲ ପ୍ରଧାନ (୩୦)। ଅନିଲ ଅସୁସ୍ଥ ଥିବାରୁ ବାଇକ୍ ଯୋଗେ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ସେଠାରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ରଙ୍ଗବତୀ ସାନବଜାର ଛକରେ ସୌଦା କିଣୁଥିବା ବେଳେ ପଛପଟୁ ଧକ୍କା ଦେଇ ଉଭୟେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ କେ.ନୂଆଗାଁ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ବାଇକ୍‌କୁ ଜବତ କରିଛି।

### ଜାତୀୟ ରାଜପଥ କଡ଼ରେ ଥିବା କାର ଜବତ

**ଖଜୁରିପଡା,୨୮।୨(ଡି.ଏନ.ଏ.)**

ଖଜୁରିପଡା ଥାନା ଦୁତିପଡା ପଞ୍ଚାୟତ ନିକଟସ୍ଥ ଜାତୀୟ ରାଜପଥ କଡ଼ରେ ଗୁରୁବାରଠାରୁ ଦୁଇଦିନ ହେଲା ଏକ କାର୍ (ନଂ. ଡବ୍ଲ୍ୟୁ ବି ୩୪ଏସ୦୫୬୫) ଠିଆ ହୋଇଥିଲା। ଏହା ଦେଖି ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହାଇଥିଲା। ଖବର ପାଇ ଶୁକ୍ରବାର ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ଜବତ କରି ଥାନାକୁ ନେଇଥିବା ଆଇଆଇସି ରମାକାନ୍ତ ପାତ୍ର କହିଛନ୍ତି।

# ଅଭାବୀ ଧାନ ବିକ୍ରି, ଉପଜିଲାପାଳଙ୍କୁ ଅଭିଯୋଗ କଲେ ଚାଷୀ

**ପୁରୁଷୋତ୍ତମପୁର, ୨୮।୨(ଡି.ଏନ.ଏ.)**

ପୁରୁଷୋତ୍ତମପୁର ବ୍ଲକର ବିଭିନ୍ନ ଗ୍ରାମରେ ଚାଷୀଙ୍କ ଅମଳ ଧାନକୁ ମିଲର ଓ ସମବାୟ ସମିତି କିଣୁନାହାନ୍ତି। ଫଳରେ ଚାଷୀଙ୍କୁ ବିକ୍ରି ଲାଗି ମିଳୁଥିବା ଟୋକନର ଅବଧି ସରିଯାଇଛି। ଏଥିସହ ସମବାୟ ସମିତିମାନେ ଆସୁଥିବା ଟୋକନର ସୂଚନା ମଧ୍ୟ ଚାଷୀଙ୍କୁ ଠିକ ସମୟରେ ଦେଉନାହାନ୍ତି। ଏଥିପାଇଁ ଅମଳ ଧାନ ଖଳାରେ ପଡିରହି ନଷ୍ଟ ହେବା ସହ ଚାଷୀମାନେ ଅଭାବୀ ଧାନ ବିକ୍ରିର ଶିକାର ହେବାରେ ଲାଗିଛନ୍ତି। ଏ ନେଇ ଚାଷୀମାନଙ୍କ ପକ୍ଷରୁ ପୁରୁଷୋତ୍ତମପୁର ବ୍ଲକ ଯୋଗାଣ ନିରୀକ୍ଷକ ଓ ସମବାୟ ସମିତିରେ ଅଭିଯୋଗ କରିଥିଲେ ମଧ୍ୟ କେହ ଗୁରୁତ୍ୱ ଦେଲେ ନାହିଁ। ତେଣୁ ଶୁକ୍ରବାର ଏ ସମ୍ପର୍କରେ ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟିଙ୍କଠାରେ ପାଣ୍ଡିଆ ସମବାୟ ସମିତି ଅଧୀନ ଚାଟମୁଣ୍ଡଳି ଗ୍ରାମର ଚାଷୀଙ୍କ ସମେତ ପୁରୁଷୋତ୍ତମପୁର ଓ ଅନ୍ୟାନ୍ୟ ଗାଁର ଚାଷୀମାନେ ଅଭିଯୋଗ କରିଛନ୍ତି। ତେବେ ଶୀଘ୍ର ପଦକ୍ଷେପ ନିଆଯିବା ସହ ଚାଷୀଙ୍କ ଅମଳ ଧାନକୁ ସମବାୟ ସମିତି, ମଣ୍ଡି ମାଧ୍ୟମରେ ମିଲରମାନେ କିଣି ନେବେ ବୋଲି ଚାଷୀଙ୍କୁ ପ୍ରତିଶ୍ରୁତି ଦେବା ସହ ଯୋଗାଣ ନିରୀକ୍ଷକଙ୍କୁ ଏ ନେଇ ନିର୍ଦ୍ଦେଶ ଦେଇଛନ୍ତି।

# ଦ୍ୱିତୀୟ ଦିବସରେ ଆଲ୍‌ଫା କ୍ଲବ ବିଜୟୀ

**ବିଜୁ ପଟ୍ଟନାୟକ ମେମୋରିଆଲ କ୍ରିକେଟ**

**ବ୍ରହ୍ମପୁର ଅଫିସ,୨୮।୨**

ବିଜୁ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ଖେଳାଯାଇଥିବା ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ ଆଲଫା ସ୍ପୋର୍ଟିଂ କ୍ଲବ ଓ ଆଇସିସି ଇଚ୍ଛାପୁର ମଧ୍ୟରେ ହୋଇଥିଲା । ଆଇସିସି ଟିମ୍ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୨ ଓଭରରେ ୧୦ ଉଇକେଟ ହରାଇ ୧୫୨ ରନ ସଂଗ୍ରହ କରିଥିଲା । ଆଲଫା ଟିମ୍‌ର ସମୀର ଓ ରୋହିତ ୩ଟି ଲେଖାଏ ଉଇକେଟ ନେଇଥିଲେ । ଦ୍ୱିତୀୟ ଇନିଂସରେ ଅଲଫା ଟିମ୍ ୧୭ ଓଭର ଖେଳି ୨ ଉଇକେଟ ବିନିମୟରେ ୧୫୬ ରନ୍ ସଂଗ୍ରହ କରି ବିଜୟୀ ହୋଇଛି। ଦଳ ପକ୍ଷରୁ ଅବିନାସ ମହାରଣା ୪୩ ବଲରେ ୫୮ ରନ ଏବଂ ପିଣ୍ଟୁ ମହାରଣା ୪୫ ବଲ ଖେଳି ୭୮ ରନ କରିଥିଲେ । ସୁଶାନ୍ତ ପଣ୍ଡା ଓ ସନ୍ଦୀପ ପାତ୍ର ଅମ୍ପାୟର ଏବଂ ସ୍କୋରର ଭାବେ ରୋହନ କୁମାର ମଣ୍ଡଳ ରହିଥିଲେ । ବାଳକୃଷ୍ଣ ବେହେରା, ଭବାନୀ ମହାନ୍ତି, ଅମ୍ବିକା ପ୍ରସାଦ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଦ୍ୱିତୀୟ ଦିବସରେ ନୃସିଂହ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଅଲଫା କ୍ଲବର ସମ୍ପାଦକ ବିଜୟ ଭାସ୍କର ସିଂ ସାମନ୍ତ ଉପସ୍ଥିତ ଥିଲେ ।

# ଖଜୁରି ତାଡ଼ି ସହ ଦେଶୀମଦ ଜବତ, ୨ ଗିରଫ

**ଦିଗପହଣ୍ଡି,୨୮।୨(ଡି.ଏନ.ଏ.)**

ବେଆଇନ୍ ମଦ ବିକ୍ରି ଅଭିଯୋଗରେ ଦିଗପହଣ୍ଡି ବ୍ଲକ ଖମାରୀ ପଞ୍ଚାୟତ ବାଲିଘାଇର ପ୍ରମୋଦ କୁମାର ଚୌଧୁରୀଙ୍କୁ ଶୁକ୍ରବାର ଅବକାରୀ କର୍ମଚାରୀମାନେ କୋର୍ଟଚାଲାଣ କରିଛନ୍ତି। ଦିଗପହଣ୍ଡି ଅବକାରୀ ଏସ୍‌ଆଇ ଅଭିରାମ ସାହୁ ସଦଳବଳ ପାଟୋଲିଂ କରୁଥିବା ବେଳେ ପ୍ରମୋଦ ଏକ ଜରି ବ୍ୟାଗ ଧରି ସନ୍ଦେହଜନକ ଅବସ୍ଥାରେ ରାସ୍ତା କଡ଼ରେ ବସିଥିଲେ। ଅବକାରୀ କର୍ମଚାରୀମାନେ ତାଙ୍କ ବ୍ୟାଗ ଖାନତଲାସ କରିବାରୁ ସେଥିରେ ୨୦ଟି ଦେଶୀ ମଦ ପାଉଚ ଥିବା ଜଣାପଡିଥିଲା। ଏ ନେଇ ନଂ. ୬୩/୧୯-୨୦ରେ ମାମଲା ରୁଜୁ କରାଯାଇଛି। ସେହିପରି ମଣିଡ଼ିଅରେ ବେଆଇନ ଖଜୁରି ତାଡି ବିକ୍ରି କରୁଥିବା ଆର୍. ଉଦୟଗିରି ଥାନା କୁରୁମ ଗ୍ରାମର ଦଳଇ ରଇତଙ୍କୁ ଦିଗପହଣ୍ଡି କୋର୍ଟକୁ ଚାଲାଣ କରାଯାଇଛି। ତାଙ୍କ ନିକଟରୁ ୫ ଲିଟର ଖଜୁରୀ ତାଡି ଜବତ କରି ଅବକାରୀ ମାମଲା ନଂ.୬୪/୧୯-୨୦ ରୁଜୁ କରାଯାଇଛି।

# ମା' ରାମାୟଣାମ୍ମା ଯାତ୍ରା ଶୁଭଖୁଣ୍ଟି ସ୍ଥାପନ

**ଛତ୍ରପୁର,୨୮।୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଛତ୍ରପୁର ସହରରେ ପ୍ରତି ୨ ବର୍ଷକୁ ଥରେ ମା' ରାମାୟଣାମ୍ମା ଠାକୁରାଣୀ ଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଚଳିତବର୍ଷ ଏପ୍ରିଲ ୨୯ରୁ ଜୁନ୍ ୨ ପର୍ଯ୍ୟନ୍ତ ମାସେ ଧରି ଏହି ଯାତ୍ରା ଅନୁଷ୍ଠିତ ହେବ ବୋଲି ଯାତ୍ରା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହିପରିପ୍ରେକ୍ଷୀରେ ଶୁକ୍ରବାର ସନ୍ଧ୍ୟାରେ ଠାକୁରାଣୀ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ ହୋଇଛି। ଯାତ୍ରା ପରିଚାଳନା ପାଇଁ ପୂର୍ବରୁ ଏକ କମିଟି ମଧ୍ୟ ଗଠନ ହୋଇଛି। ମା'ଙ୍କ ଠାରୁ ଆଜ୍ଞାମାଳ ନେବା ପରେ ରୀତିନୀତି ଅନୁଯାୟୀ ଅସ୍ଥାୟୀ ମଣ୍ଡପ ନିକଟରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଯାତ୍ରା କମିଟିର ପରିଚାଳକ କେ. ଚନ୍ଦ୍ରଶେଖର ରେଡ୍ଡୀ, ସହପରିଚାଳକ ସମରେନ୍ଦ୍ର ସେନାପତି, ମନ୍ଦିର ପରିଚାଳନା କମିଟି ସଭାପତି ଭି. ତ୍ରିନାଥ ରାଓ, ସମ୍ପାଦକ ବି. ଶ୍ରୀନିବାସ, ଉପସଭାପତି ଏ. ରାବଣା ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଯାତ୍ରାବେଳେ ବିବାହିତା ଝିଅମାନେ ମା'ଙ୍କ ଘରକୁ ଆସିବା ପରମ୍ପରା ରହିଛି। ଦୈନିକ ସନ୍ଧ୍ୟାରେ ଅସ୍ଥାୟୀ ମଣ୍ଡପଠାରେ ଆଳତି ପରେ ମା'ଙ୍କ ଘଟ ବିଭିନ୍ନ ସାହି ପରିକ୍ରମା କରି ଭୋଗ ଖାଇଥାନ୍ତି।



ଶୁଭଖୁଣ୍ଟି ସ୍ଥାପନ ହେଉଛି।

# ଦିଗପହଣ୍ଡି କେନ୍ଦ୍ରୀୟ ବିଦ୍ୟାଳୟ ପରିଦର୍ଶନ କଲେ ଉପଜିଲାପାଳ

**ଦିଗପହଣ୍ଡି,୨୮।୨(ଡି.ଏନ.ଏ.)**

ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉ ସାହେବ ଶୁକ୍ରବାର ଦିଗପହଣ୍ଡି ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟ ପରିସରରେ ଆୟୋଜିତ ପରିଚାଳନା କମିଟି ବୈଠକରେ ସେ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ବଳରାମ ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟାବଳୀ, ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ଓ ଅସୁବିଧା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ୨୦୨୦-୨୧ ଶିକ୍ଷାବର୍ଷ ପାଇଁ ନୂତନ ଛାତ୍ରୀଛାତ୍ରଙ୍କ ପ୍ରବେଶିକା ଚୟନ କମିଟି ଗଠନ ନେଇ ସବିଶେଷ ଆଲୋଚନା କରାଯିବା ପରେ କମିଟି ଗଠନ ନେଇ ପ୍ରସ୍ତାବ ଗୃହୀତ କରାଯାଇଥିଲା। ସେହିପରି ବିଦ୍ୟାଳୟ ଅଭିଭାବକ କମିଟି ସଦସ୍ୟଙ୍କ କାର୍ଯ୍ୟକାଳ ସରିଥିବାରୁ ନୂତନ ସଦସ୍ୟଙ୍କୁ ମନୋନୀତ କରାଯାଇଥିଲା। ବିଦ୍ୟାଳୟ କୋଠା



ବିଦ୍ୟାଳୟ ପରିସର ପରିଦର୍ଶନ କରୁଛନ୍ତି ଉପଜିଲାପାଳ।

ଗୁଡ଼ିକର ସେଫ୍ଟି ସାର୍ଟିଫିକେଟ ପ୍ରଦାନ ପାଇଁ କରାଯାଇଥିବା ଆବେଦନପତ୍ରକୁ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କ ମଞ୍ଜୁରୀ ପାଇଁ ଆଲୋଚନା କରାଯାଇଥିଲା। ସେହିପରି ବିଭିନ୍ନ ଶ୍ରେଣୀ କୋଠାକୁ ତୁରନ୍ତ ମରାମତି ଓ ପାଇଖାନା ନିର୍ମାଣ କାର୍ଯ୍ୟ ସାରିବାକୁ ବୈଠକରେ ଉପସ୍ଥିତ ଥିବା ଦିଗପହଣ୍ଡି ପୂର୍ତ୍ତ ବିଭାଗ ଉପନିର୍ବାହୀ ଯନ୍ତ୍ରୀ ଇଂ.ସୋମନାଥ ହୋତା ଏବଂ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି କେନ୍ଦ୍ରୀୟ ବିଦ୍ୟାଳୟର ନିର୍ମାଣାଧୀନ ମୁଖ୍ୟ ରାସ୍ତାକୁ ଶୀଘ୍ର ସାରିବାକୁ ସେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ତଥା ନୂଆପଡ଼ା ବାଲାଜୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଶଙ୍କର ପ୍ରସାଦ ପଣ୍ଡା, ପୋଡ଼ାମାରି ବିଜ୍ଞାନ ମହାବିଦ୍ୟାଳୟ ଅଧାପକ ସତ୍ୟସରଣ ପାଠୀ, ଡା.ଶ୍ରୀନିବାସ ରାଓ ପ୍ରମୁଖ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### କଳିଙ୍ଗା ଘାଟିରେ ଓଲଟିଲା କମଳା ବୋଝେଇ ଟ୍ରକ



ଜି.ଉଦୟଗିରି,୨୮।୨(ଡି.ଏନ.ଏ.): ଜି.ଉଦୟଗିରି ଥାନା ଇଲାକାରେ ଥିବା କଳିଙ୍ଗା ଘାଟି ଅନ୍ଧାରକୋଟି ନିକଟରେ ଶୁକ୍ରବାର ସକାଳେ ଏକ କମଳା ବୋଝେଇ ଟ୍ରକ (ନଂ.ଏଚ୍ଆର୭୪ଏ-୪୦୧୦) ଭାରସାମ୍ୟ ହରାଇ ବୁଲାଣି ରାସ୍ତାରେ ଓଲଟି ପଡ଼ିଛି। ଟ୍ରକ ଚାଳକ ଓ ହେଲପର ଆହତ ହୋଇଥିବା ଜଣାପଡ଼ିଛି। ଟ୍ରକଟି କଳିଙ୍ଗା ପଟୁ ଭଞ୍ଜନଗର ଅଭିମୁଖେ ଯାଉଥିଲା। ଏ ସମ୍ପର୍କରେ ଜି.ଉଦୟଗିରି ଥାନା ଅଧିକାରୀ ଧିରେଜ କୁମାର ଲେଙ୍କାଙ୍କୁ ପଚାରିବାରୁ ତାଙ୍କ ନିକଟରେ କୌଣସି ସୂଚନା ନାହିଁ ବୋଲି କହିଥିଲେ।

# ବୃନ୍ଦାବନଙ୍କ ଘରେ ପଡ଼ିଛି ତାଲା, ରାସ୍ତାରେ ବୃଦ୍ଧା ମା’

ଛତ୍ରପୁର,୨୮।୨(ଡି.ଏନ.ଏ)

ଛତ୍ରପୁର ଥାନା ଅନ୍ତର୍ଗତ ପାଲିଆ ଛତ୍ରପୁରସ୍ଥିତ ଘରୁ ବୃନ୍ଦାବନ ବେହେରା ଏବଂ ତାଙ୍କ ସ୍ତ୍ରୀ ଉର୍ମିଳା ଓ ଝିଅ ସୁନିତାଙ୍କ ମୃତଦେହ ବୁଧବାର ସକାଳେ ଉଦ୍ଧାର ହୋଇଥିଲା। ପାରିବାରିକ ଅଶାନ୍ତିରୁ ବୃନ୍ଦାବନ ପ୍ରଥମେ କାତିରେ ସ୍ତ୍ରୀ ଓ ଝିଅଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିପାରିଛି। ଅନ୍ୟପକ୍ଷରେ ବୃନ୍ଦାବନଙ୍କ ଘରେ ଗୁରୁବାର ଅପରାହ୍ନରୁ ତାଲା ପଡିଛି। ଫଳରେ ତାଙ୍କ ୭୦ ବର୍ଷୀୟା ମା’ ଚମ୍ପା ବେହେରା ଏବେ ଅସହାୟ ହୋଇପଡିଛନ୍ତି। ବୃନ୍ଦାବନଙ୍କ ପୁଅ ସାଗର ଘରେ ତାଲା ପକାଇ ଚାଲି ଯାଇଥିବାରୁ ମା’ ଚମ୍ପା ଗାଁରେ କେତେବେଳେ କେମିତି କାହା ଘରେ ମୁଠାଏ ଖାଇବା ସହ ମୁଣ୍ଡ ଗୁଞ୍ଜିବାକୁ ବାଧ ହେଉଛନ୍ତି। ଶୁକ୍ରବାର କୋହଭରା କଣ୍ଠରେ ସେ ରାଜରାସ୍ତାକୁ ଚାଲିଆସିଥିବା କହିଥିଲେ। ସେ ଆହୁରି କହିଛନ୍ତି ଯେ, ଘରେ ସବୁବେଳେ ଅଶାନ୍ତି ଲାଗି ରହୁଥିଲା। ମୋତେ ବୋହୂ ଉର୍ମିଳା ସବୁବେଳେ ମାରପିଟ୍ କରୁଥିଲେ। ଏହାକୁ ସହ୍ୟ କରି ନ ପାରି ଗତ ୫ ବର୍ଷ ହେଲା ମୁଁ କେତେବେଳେ ମୋ ଝିଅ ଓ ଅନ୍ୟ କେତେବେଳେ ସାନ ପୁଅ ଘରେ ରହୁଛି। ପୁଅ, ବୋହୂ ଓ ନାତୁଣି ମୃତ୍ୟୁ ଖବର ଶୁଣି ସାନପୁଅ ସହ କଟକରୁ ଗାଁକୁ ଆସିଲି। ମାତ୍ର ବଡ଼ ପୁଅ ବୃନ୍ଦାବନ, ବୋହୂ ଓ ନାତୁଣିଙ୍କ ମୃତ୍ୟୁ ପରେ ଘରେ ତାଲା ପଡିଥିବାରୁ ଏବେ କେଉଁଠି ରହିବି ବୋଲି ଚିନ୍ତାରେ ପଡ଼ିଥିବା କହିଛନ୍ତି। ବୋହୂ ଓ ତାଙ୍କ ମା’ ଘରର ସମ୍ପର୍କିୟଙ୍କ ଯୋଗୁ ଏପରି ଅଘଟଣ ଘଟିଥିବା ଚମ୍ପା କହିଛନ୍ତି। ଆଗାମୀ ଦିନରେ ଆଇନ୍‌ର ଆଶ୍ରୟ ନେବେ ବୋଲି ମଧ୍ୟ ସେ କହିଥିଲେ। ତାଙ୍କର କହିବାନୁଯାୟୀ ବୁଧବାର ରାତିରେ ମୃତଦେହ ଦାହ ପରେ ଘରେ ତାଲା ପଡିଥିଲା। ଶୁକ୍ରବାର ସକାଳୁ ଆସି ତାଲା ଖୋଲାଯାଇଥିଲା। ପରେ ଅପରାହ୍ନରେ ପୁଣି ଘରେ ତାଲା ପକାଇ ସମସ୍ତେ ଚାଲିଯାଇଥିବା ଚମ୍ପା କହିଛନ୍ତି। ବୃନ୍ଦାବନ ଗାଁର ଆଉ ଏକ ସାହିରେ ଦୋକାନ କରି ପରିବାର ଚଳାଉଥିଲେ। ସ୍ୱାମୀ ଓ ସ୍ତ୍ରୀ ପାଳି କରି ଦୋକାନ ଚଳାଉଥିଲେ। ପରେ ସେମାନଙ୍କ ମଧ୍ୟରେ ଅଶାନ୍ତି ଦେଖାଦେଇଥିଲା। ତେଣୁ କିଛିମାସ ହେଲା କେବଳ ବୃନ୍ଦାବନ ଦୋକାନରେ ବସୁଥିଲେ। ଏପରିକି ବୃନ୍ଦାବନ ଛତ୍ରପୁର ଆସି ଦିନବେଳା ଆହାର କେନ୍ଦ୍ରରେ ୫ ଟଙ୍କା ଦେଇ ଭାତ ଡାଲମା ଖାଉଥିଲେ ବୋଲି ଗାଁର କେତେକ ଲୋକଙ୍କ ସହ ଆଲୋଚନା ବେଳେ ଜଣାପଡିଛି। ଅପରପକ୍ଷରେ ବୃନ୍ଦାବନଙ୍କ ପୁଅ ବର୍ତ୍ତମାନ ସୁଦ୍ଧା ଗଣମାଧ୍ୟମ ଆଗରେ ମୁହଁ ଖୋଲି ନ ଥିବାବେଳେ ବଡ ଝିଅ ସୁଜ୍ଞାନୀ ତାଙ୍କ ବାପାଙ୍କ ବିରୋଧରେ କହିବା ସହ ବାପା ହିଁ ସର୍ବଦା ଘରେ ଅଶାନ୍ତି ସୃଷ୍ଟି କରୁଥିଲେ ବୋଲି କହିଥିଲେ।



ଘରେ ତାଲା ପଡିଛି।



ଚମ୍ପା ବେହେରା।

**ପରିବାରର ୩ ଜଣଙ୍କ ମୃତ୍ୟୁ ଘଟଣା**

## ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ

ଆସିକା,୨୮।୨(ଡି.ଏନ୍.ଏ.)

ଆସିକା ତହସିଲ୍ ଦେବଭୂମି ଗ୍ରାମରେ ଶୁକ୍ରବାର ମୋ ଗାଁରେ ତହସିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦେବଭୂମି ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ତହସିଲଦାର୍ ସଦାନନ୍ଦ ସେଠୀ, ବିଡିଓ ପ୍ରଦୀପ କୁମାର ପଣ୍ଡା, ତହସିଲର ବିଭାଗୀୟ ଅଧିକାରୀ ପ୍ରସନ୍ନ କୁମାର ତ୍ରିପାଠୀ, ଦେବଭୂମି ସରପଞ୍ଚ ବିଜୟ କୁମାର ଦଳାଇ, ସମିତିସଭ୍ୟ ସନ୍ତୋଷ କୁମାର ନାହାକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜନସାଧାରଣଙ୍କୁ ଉଚିତ ସେବା ଯୋଗାଇଦେବା ଲକ୍ଷ୍ୟରେ କରାଯାଇଥିବା ମୋ ଗାଁରେ ତହସିଲ୍ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଥିଲା। ପଞ୍ଚାୟତର ୩୨ଜଣ ଉପଭୋକ୍ତାଙ୍କୁ ପଟ୍ଟା ବଣ୍ଟନ କରାଯାଇଥିବାବେଳେ ୨୭ ଅଭିଯୋଗ ଦାଖଲ ହୋଇଥିଲା।

### କାର୍ଯ୍ୟକ୍ଷମ ହେଉନି ପାଇକଯମୁନା ସବ୍‌ଷ୍ଟେଶନ

କବିସୂର୍ଯ୍ୟନଗର,୨୮।୨: ଦୀର୍ଘ ୨ ବର୍ଷ ହେଲା ପାଇକ ଯମୁନା ସବଷ୍ଟେଶନ କାର୍ଯ୍ୟ ଶେଷ ହୋଇଛି। ଯଦ୍ଵାରା ନିକଟ ସିଆଳିଆ, ଏ.ବରିଡ଼ା, କନିଆରୀ ଆଦି ପଞ୍ଚାୟତକୁ ବିଦ୍ୟୁତ୍ ଯୋଗାଣ ସୂଚାରୁ ରୂପେ ହୋଇପାରିବ। କିନ୍ତୁ ବର୍ତ୍ତମାନ ଯାଏ ପାଇକଯମୁନା ସବଷ୍ଟେଶନ କାର୍ଯ୍ୟକ୍ଷମ ହୋଇନାହିଁ। ଫଳରେ ଉକ୍ତ ଅଞ୍ଚଳ ବର୍ତ୍ତମାନ କବିସୂର୍ଯ୍ୟନଗର ସବ୍‌ଷ୍ଟେଶନ ଉପରେ ନିର୍ଭର କରୁଥିବାରୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଶୀଘ୍ର ନୂତନ ନିଯୁକ୍ତି ଦେଇ ପାଇକଯମୁନା ସବ୍‌ଷ୍ଟେଶନ କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଜାନିବିଲି ଡ୍ୟାମ୍‌ରେ ବୁଡ଼ି ଛାତ୍ର ମୃତ୍ୟୁକୁ ବିତିଲା ୯ ମାସ
### ମୃତକ ପରିବାରକୁ ମିଳିନି ସରକାରୀ ସହାୟତା

ଧରାକୋଟ,୨୮।୨(ଡି.ଏନ.ଏ.): ଧରାକୋଟର ମଝି ସାହିବାସିନ୍ଦା ପୀତାମ୍ବର ସ୍ୱାଇଁଙ୍କ ପୁଅ ରାହୁଲ (୧୩)ଙ୍କ ଗତ ମେ ୨୮ରେ ସ୍ଥାନୀୟ ଜାନିବିଲି ଡ୍ୟାମରେ ଖସିଯାଇ ମୃତ୍ୟୁ ଘଟିଥିଲା। ଖବର ପାଇ ଧରାକୋଟ ଦମକଳ ବାହିନୀ ଡ୍ୟାମରୁ ରାହୁଲଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏ ନେଇ ଧରାକୋଟ ଥାନାରେ ନଂ. ୬/୧୯ ପ୍ରକାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା। ସରକାରୀ ନିୟମ ପ୍ରକାରେ ବ୍ୟବଚ୍ଛେଦ ରିପୋର୍ଟ, ଥାନା ରିପୋର୍ଟ, ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ଧରାକୋଟ ତହସିଲରେ ପ୍ରଦାନ କରାଯାଇଥିଲା। ହେଲେ ଘଟଣାର ୯ ମାସ ବିତିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସରକାରୀ ସହାୟତା ରାଶି ମିଳିନାହିଁ। ଏ ନେଇ ଧରାକୋଟ ତହସିଲଦାର କବିରାଜ ପ୍ରଧାନଙ୍କୁ ପଚାରିବାରୁ ଚିଠି ନଂ. ୩୦/୭୧, ତା. ୧୯.୯.୨୦୧୯ ପ୍ରକାରେ ଏହି ଘଟଣା ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ପଠାଇ ଦିଆଯାଇଛି। ଶୀଘ୍ର ସରକାରୀ ଅନୁଦାନ ମିଳିବ ବୋଲି ଆଶା କରାଯାଉଥିବା ସେ କହିଛନ୍ତି। ରାଜ୍ୟ ସରକାର ୫-ଟି ଓ ମୋର ସରକାର ଭଳି କାର୍ଯ୍ୟ କରିଥିବା ବେଳେ ଗରିବ ରାହୁଲଙ୍କ ପରିବାରକୁ ଅନୁକମ୍ପା ରାଶି ନ ମିଳି ନାହିଁ।

## ତାଲା ଭାଙ୍ଗି ଲୁଟ ମାମଲା, ୩ ଗିରଫ



ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

ଆସିକା,୨୮।୨(ଡି.ଏନ୍.ଏ.)

ଆସିକା ଏନ୍ଏସି ତାଲୁକା ରୋଡରେ ଏକ ଘରୁ ମଙ୍ଗଳବାର ବିଳମ୍ବିତ ରାତିରେ ତାଲା ଭାଙ୍ଗି ଦୁର୍ବୃତ୍ତ ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ଜଣେ ନାବାଳକଙ୍କ ସମେତ ୪ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ। ଶୁକ୍ରବାର ୩ଜଣଙ୍କୁ ଗିରଫ କରିବା ସହ ନାବାଳକଙ୍କୁ ଜୁଭେନାଇଲ୍ ହୋମ୍‌କୁ ପଠାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଆସିକା ଏନ୍ଏସି ଗାନ୍ଧୀନଗରର ରଞ୍ଜନ ମହାନ୍ତି, ଧୀରଜ କୁମାର ପରିଛା ଓ ଲଛମନପଲ୍ଲୀର ଶିବରାମ ପ୍ରଧାନ। ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଲୁଟ୍ ହୋଇଥିବା ୪୦ ହଜାର ଟଙ୍କା ଓ ୧୧୦ ଗ୍ରାମ ଓଜନର ସୁନା ଅଳଙ୍କାର ଜବତ କରିଛି। ଜବତ ସୁନା ଅଳଙ୍କାର ମଧ୍ୟରେ ୮୦ ଗ୍ରାମ ଓଜନର ସୁନା ବିସ୍କୁଟ୍ ଓ ସୁନା ଚେନ୍, ପଦକ, କାନଫୁଲ, ଚୁଡି ଲକେଟ୍ ଆଦି ରହିଛି। ଗିରଫ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିଲା ବେଳେ ଅଭିଯୁକ୍ତ ନାବାଳକଙ୍କୁ ବ୍ରହ୍ମପୁରସ୍ଥି ଜୁଭେଇନାଲ୍ ଜଷ୍ଟିସ୍ ବୋର୍ଡ ନିକଟରେ ହାଜର କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

ଉଲ୍ଲେଖ ଯୋଗ୍ୟଯେ, ତାଲୁକା ରୋଡର ବସନ୍ତ କୁମାର ଭଞ୍ଜ ଘରେ ତାଲା ପକାଇ ସମ୍ପର୍କୀୟଙ୍କ ଭୋଜିକୁ ଯାଇଥିବାବେଳେ ଅଭିଯୁକ୍ତ ତାଲା ଭାଙ୍ଗି ଘରେ ପଶି ଆଲମିରାରେ ଥିବା ଟଙ୍କା ଓ ସୁନା ଲୁଟି ନେଇଥିଲେ। ବୁଧବାର ଆସିକା ଥାନାରେ ଅଭିଯୋଗ ପରେ ଗୁରୁବାର ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଧରିଥିଲା।



ଜବତ ଟଙ୍କା ଓ ସୁନା ଗହଣା।

**ଲୁଟ୍ ସୁନା ଟଙ୍କା ଉଦ୍ଧାର**

### ହୋଇପାରିଲାନି ପ୍ରାର୍ଥୀପତ୍ର ପ୍ରତ୍ୟାହାର
### ନିର୍ବାଚନ ମଇଦାନରେ ୫ ପ୍ରାର୍ଥୀ

ବୁଗୁଡ଼ା,୨୮।୨(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ବି.କରଡ଼ାବାଡ଼ି ସରପଞ୍ଚ ଉପନିର୍ବାଚନ ପାଇଁ ଗତ ୧୯ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ନିତ୍ୟାନନ୍ଦ ପ୍ରଧାନ, ରାଜେନ୍ଦ୍ର କୁମାର ନାୟକ, ପ୍ରଫୁଲ୍ଲ କୁମାର ମହାପାତ୍ର, ଡି.ସତ୍ୟ ନାରାୟଣ ଆଚାରୀ ଓ କାହ୍ନୁ ଚରଣ ଦାଶ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଥିଲେ। ଶୁକ୍ରବାର ୧୧ଟା ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାରର ସମୟ ସୀମା ଥିଲା। ହେଲେ କୌଣସି ପ୍ରାର୍ଥୀ ସେମାନଙ୍କର ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନ ଥିଲେ। ୧୧ଟା ପରେ ରାଜେନ୍ଦ୍ର, କାହ୍ନୁ ଓ ପ୍ରଫୁଲ୍ଲ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ପାଇଁ ନିବେଦନ କରିଥିଲେ। ତେବେ ସମୟ ସୀମା ଅତିକ୍ରାନ୍ତ ହୋଇଥିବାରୁ ଆଉ ପ୍ରାର୍ଥିପତ୍ର ପ୍ରତ୍ୟାହାର ହୋଇପାରିବ ନାହିଁ ବୋଲି ବିଡିଓ ତଥା ବ୍ଲକ ନିର୍ବାଚନ ଅଧିକାରୀ ତନ୍ମୟ ପାତ୍ର କହିଥିଲେ। ତେଣୁ ଆସନ୍ତା ମାର୍ଚ୍ଚ ୨୦ରେ ହେବାକୁ ଥିବା ସରପଞ୍ଚ ଉପନିର୍ବାଚନରେ ୫ ଜଣ ପ୍ରାର୍ଥୀ ମଇଦାନରେ ଓହ୍ଲାଇବା ସ୍ପଷ୍ଟ ହୋଇଯାଇଛି, ଏ ନେଇ ବିଧିବଦ୍ଧ ତାଲିକା ମଧ୍ୟ ପ୍ରକାଶ ପାଇଛି।

## ଉତ୍ତର, ଦକ୍ଷିଣ ଘୁମୁସରରେ କୃଷ୍ଣସାର ସଂଖ୍ୟା ବୃଦ୍ଧି

ଭଞ୍ଜନଗର/ବୁଗୁଡା/ଆସିକା, ୨୮।୨(ଡି.ଏନ୍.ଏ.)

କୃଷ୍ଣସାର ମୃଗ ଗଞ୍ଜାମ ଜିଲାର ଦକ୍ଷିଣ ଘୁମୁସର ବନଖଣ୍ଡରେ ପ୍ରାୟ ଦେଖାଦିଏ। ବ୍ରହ୍ମପୁର ଓ ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ କମ୍ ଦେଖାଦିଅନ୍ତି। ପ୍ରତି ଦୁଇବର୍ଷକୁ ଥରେ ରାଜ୍ୟରେ କୃଷ୍ଣସାର ମୃଗ ଗଣନା ହୁଏ। ଶୁକ୍ରବାର ଗଞ୍ଜାମ ଜିଲାର ୩ ବନଖଣ୍ଡରେ ମୃଗ ଗଣନା ହୋଇଛି। ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଓ ଦକ୍ଷିଣ ଘୁମୁସର ବନଖଣ୍ଡରେ ପୂର୍ବ ଗଣନା ଅପେକ୍ଷା ମୃଗ ସଂଖ୍ୟା ବହୁତ ବୃଦ୍ଧି ପାଇଥିବା ଜଣାପଡିଛି। ଦୁଇବର୍ଷ ପୂର୍ବେ ପ୍ରଥମ ଥର ପାଇଁ ଉତ୍ତର ଘୁମୁସର ବନଖଣ୍ଡରେ କୃଷ୍ଣସାର ମୃଗ ଗଣନା ହୋଇଥିଲା। ଏଥିରେ ୨୨୪ ମୃଗ ଥିବା ଜଣାପଡିଛି। ଚଳିତ ବର୍ଷ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ଥିବା ଜଣାପଡିଛି। ଡିଏଫଓ ଅଭୟ କୁମାର ଦଳେଇଙ୍କ ନେତୃତ୍ୱରେ ୩୦ଟି ଟିମ୍ ଗଠନ ହୋଇ ମୃଗ ଗଣନା କରିଥିଲେ।

ସେହିଭଳି ଦକ୍ଷିଣ ଘୁମୁସର ବନଖଣ୍ଡରେ ଦୁଇବର୍ଷ ପୂର୍ବେ ହୋଇଥିବା ଗଣନା ସମୟରେ ପ୍ରାୟ ୨୮ଶହ ମୃଗ ଥିଲେ। ଶୁକ୍ରବାର ଗଣନା ସମୟରେ ତା’ଠାରୁ ଅଧିକ ମୃଗ ଥିବା ବିଭାଗ ପକ୍ଷରୁ ଅନୁମାନ କରାଯାଉଛି। ଦକ୍ଷିଣ ଘୁମୁସର ବନଖଣ୍ଡର ବୁଗୁଡା, ପୋଲସରା, ଆସିକା ପ୍ରମୁଖ ରେଞ୍ଜରେ ପ୍ରାୟ କୃଷ୍ଣସାର ମୃଗ ଦେଖାଦିଅନ୍ତି। ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟନାରାୟଣ ବେଉରାଙ୍କ ନେତୃତ୍ୱରେ ୬୩ଟି ଟିମ୍ ଗଠନ ହୋଇଥିଲା ମୃଗ ଗଣନା ପାଇଁ। କର୍ମଚାରୀମାନେ ସକାଳ ୬ଟାରୁ ଦିବା ୧୨ ଟା ପର୍ଯ୍ୟନ୍ତ ଗଣନା କରିଥିଲେ। ବିଭାଗୀୟ ଉଚ୍ଚ ପଦାଧିକାରୀ ଏବଂ ବିଶେଷଜ୍ଞମାନେ ଯାଞ୍ଚ କରିବା ପରେ ଚୂଡାନ୍ତ ରିପୋର୍ଟ ପ୍ରକାଶିତ ହେବ।



କୃଷ୍ଣସାର ମୃଗ।

**କୃଷ୍ଣସାର ମୃଗ ଗଣନା-୨୦୨୦**

**ଆସିକା ବନାଞ୍ଚଳରେ ୧୮୬୭**

କୃଷ୍ଣସାର ମୃଗ ଲାଗି ଆସିକା ବନାଞ୍ଚଳର ଏକ ସ୍ୱତନ୍ତ୍ର ପରିଚୟ ରହିଆସିଥିଲାବେଳେ ଏହି ବନାଞ୍ଚଳରେ କୃଷ୍ଣସାର ମୃଗଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଇଛି। ଆସିକା ବନାଞ୍ଚଳ ପକ୍ଷରୁ ଅନୁଷ୍ଠିତ ମୃଗ ଗଣତିରେ କୃଷ୍ଣସାର ମୃଗଙ୍କ ସଂଖ୍ୟା ୧୮୬୭ ଥିବା ଜଣାପଡିଛି। ସେଥିମଧ୍ୟରୁ ଅଣ୍ଡିରା ୪୯୯, ମାଈ ୧୦୯୦ ଓ ଛୁଆ ୨୭୮ ଥିବା ଜଣାପଡିଛି। ୨୦୧୮ରେ ହୋଇଥିବା ଗଣତିରେ ଏଠାରେ ମୃଗସଂଖ୍ୟା ୧୪୩୭ ଥିଲା। ଆସିକା ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବନାଞ୍ଚଳର ୨୬ଟି ବିଭିନ୍ନ ସ୍ଥାନରେ ବନକର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ମିଳିତ ଭାବେ ମୃଗ ଗଣତିରେ ସାମିଲ ଥିଲେ।

## ଜାତୀୟ ବିଜ୍ଞାନ ଦିବସ ପାଳିତ

ବୁଗୁଡ଼ା,୨୮।୨(ଡି.ଏନ.ଏ.)

ବୁଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍କୁଲ ପରିସରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ପରିଚାଳନା ସମିତି ଉପସଭାପତି ରାଜେନ୍ଦ୍ର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପିପୁଲ୍ସ କଲେଜ ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ଅଧ୍ୟାପକ ମନୋଜ କୁମାର ଦାଶ ଯୋଗଦେଇଥିଲେ। ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ଗୁରୁମା ଶୁଚିସ୍ମିତା ସାହୁ କହିଥିଲେ ବିଜ୍ଞାନ ଦିବସ ପାଳନର ମୂଳ ଆଧାର ଏବଂ ନୋବେଲ ବିଜେତା ବୈଜ୍ଞାନିକ ସିଭି ରମଣଙ୍କ ଅବଦାନ ସମ୍ପର୍କରେ ସ୍ମରଣୀୟ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ପାଠଚକ୍ରର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁମା ସୁମତି ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଧାନାଚାର୍ଯ୍ୟ ମାଧବ ଶତପଥୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

### ବର୍ଜ୍ୟବସ୍ତୁ ପରିଚାଳନା ତାଲିମ ଶିବିର

ଗଞ୍ଜାମ,୨୮।୨(ଡି.ଏନ.ଏ.)

ଗଞ୍ଜାମ ବ୍ଲକ କନ୍‌ଫରେନ୍ସ ହଲଠାରେ ଶୁକ୍ରବାର ଗ୍ରାମ୍ୟ ଜଳ ପରିମଳ ବିଭାଗ ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଜ୍ୟୋତି ଶଙ୍କର ରାଏ, ଗ୍ରାମ୍ୟ ଜଳଯୋଗାଣ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଶରତ ଚନ୍ଦ୍ର ସାହୁ, ମିଶନ ଶକ୍ତି ତାଲିମଦାତା ଅଶ୍ୱିନୀ କୁମାର ପଟ୍ଟନାୟକ, ଡିଏଲ୍ଏସ୍ ମହେଶ ତରାଇ, ପି. ସରିତା ପ୍ରମୁଖ ଯୋଗଦେଇ କଠିନ ଓ ତରଳ ବର୍ଜ୍ୟବସ୍ତୁ ସମ୍ପର୍କିତ ଆଲୋଚନା କରିଥିଲେ। ଶିବିରରେ ଜେଇ ମମତା ଗୌଡ଼, କାଇଁଚପୁର ସରପଞ୍ଚ ଶ୍ୟାମା ରେଡ୍ଡୀ, ସନ୍ତୋଷପୁର ସରପଞ୍ଚ ନିରଞ୍ଜନ ରେଡ୍ଡୀ, ରାଜପୁର ସରପଞ୍ଚ ସନ୍ତୋଷ ସେଠୀଙ୍କ ସମେତ ସମସ୍ତ ଭିଏଲ୍‌ଡବ୍ଲ୍ୟୁ, ଜିଆର୍ଏସ, କର୍ମଚାରୀ ଉପସ୍ଥିତ ଥିଲେ।

## ସ୍ୱାବଲମ୍ବୀ କାରିଗର, ପମ୍ପ ଚାଳକଙ୍କୁ କୁଶଳୀ ମାନ୍ୟତା ଦାବି

ରାଇକିଆ,୨୮।୨(ଡ଼ି.ଏନ.ଏ)

ରାଇକିଆ ବ୍ଲକର ୧୨ ପଞ୍ଚାୟତରେ ନିୟୋଜିତ ଥିବା ସ୍ୱାବଲମ୍ବୀ କାରିଗର ଓ ପମ୍ପ ଚାଳକଙ୍କୁ କୁଶଳୀ କାରିଗର ମାନ୍ୟତା ଦାବିରେ ଗୁରୁବାର ରାଇକିଆ ବିଡ଼ିଓ ପ୍ରବୀଣ କୁମାର ବାଣୁଆଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ନଳକୂପ ମରାମତି, ଜଳଯୋଗାଣ ପାଇଁ ନିର୍ମିତ ପମ୍ପ ହାଉସ ପରିଚାଳନା କରୁଥିବା ଏହି କାରିଗରମାନେ ସ୍ୱଳ୍ପ ଦରମା ପାଉଛନ୍ତି। ଏହାକୁ ବୃଦ୍ଧି କରିବା ସହ କୌଣସି କାରିଗରଙ୍କ ମୃତ୍ୟୁହେଲେ ତାଙ୍କ ପରିବାରର ଜଣଙ୍କୁ କାର୍ଯ୍ୟରେ ନିଯୁକ୍ତି ଦିଆଯାଉ।

କୌଣସି ଅଭିଯୋଗକୁ କେନ୍ଦ୍ରକରି ତୁରନ୍ତ କାର୍ଯ୍ୟରୁ ନିଲମ୍ବିତ ନକରି ପ୍ରଥମେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନ ନିଆଯାଉ ଏବଂ କାର୍ଯ୍ୟରୁ ଅବସର ପରେ ପେନ୍‌ସନ ପ୍ରଦାନ ନ କରାଯାଉ ବୋଲି ଦାବି କରିଛନ୍ତି। ରାଇକିଆ ବ୍ଲକର ସ୍ୱାବଲମ୍ବୀ କାରିଗର ସଂଘର ଦିଗାମ୍ବର ଦିଗାଳ ଏବଂ ସମ୍ପାଦକ ପ୍ରଶାନ୍ତ କୁମାର ଦିଗାଳଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।



ଦାବିପତ୍ର ପ୍ରଦାନ କରୁଛନ୍ତି ସ୍ୱାବଲମ୍ବୀ କାରିଗର।

## ବ୍ଲକ୍‌ସ୍ତରୀୟ ଯୁବ ସମ୍ମିଳନୀ

ଶେରଗଡ,୨୮।୨(ଡି.ଏନ୍.ଏ.)

ଶେରଗଡ଼ ବିଜୁ ପଟ୍ଟନାୟକ ଇଂଲିଶ ମିଡ଼ିୟମ ସ୍କୁଲ ପରିସରରେ ନେହେରୁ ଯୁବକେନ୍ଦ୍ର ଓ ଟ୍ରି ଫାଉଣ୍ଡେସନର ମିଳିତ ସହଯୋଗରେ ଏକ ବ୍ଲକସ୍ତରୀୟ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ତଥା ଉଦୟ ପ୍ରତାପ ବିଜ୍ଞାନ ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅର୍ଥନୀତି ଅଧ୍ୟାପକ ଲୋକନାଥ ପରିଡା ଯୋଗ ଦେଇ ଯୁବପୀଢି ସଚେତନ ହୋଇ ପରିବେଶର କିଭଳି ସୁରକ୍ଷା କରିବେ ସେନେଇ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ବିଜୁ ପଟ୍ଟନାୟକ କଲେଜର ଅଧକ୍ଷ ଗୌରହରୀ ବିଷୋୟୀ ଉଦ୍‌ବୋଧନ ଦେଇ ଯୁବସମାଜ ପାଇଁ ଶିକ୍ଷା ହିଁ ଉନ୍ନତିର ମୂଳମନ୍ତ୍ର ବୋଲି କହିଥିଲେ। ସମ୍ମାନିତ ଅତିଥି ସିଦ୍ଧାର୍ଥ ସାହୁ, ଅରୁଣ କୁମାର ପ୍ରଧାନ, ବାଲାଜୀ ପାତ୍ର, ବୁନା ସ୍ୱାଇଁ ପ୍ରମୁଖ ଯୋଗଦେଇ ସମାଜ ପ୍ରତି ଯୁବପୀଢିଙ୍କ ଭୂମିକା ସମ୍ପର୍କରେ କହିଥିଲେ। ଶେଷରେ ଜାତୀୟ ଯୁବ ସ୍ୱେଚ୍ଛାସେବୀ ତଥା ଟ୍ରି ଫାଉଣ୍ଡେସନର ସମ୍ପାଦକ ନିରାକାର ବିଷୋୟୀ ନିଶା ନିବାରଣର ବାର୍ତ୍ତାଦେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଦିପ୍ତିମୟୀ ମଲିକ, ସୋମନାଥ ସ୍ୱାଇଁ, ଭାଗ୍ୟଲକ୍ଷ୍ମୀ ଜେନା ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଯୁବତୀ ଯୁବକମାନେ।

## ଉପଜିଲାପାଳଙ୍କ ସମୀକ୍ଷା, ଅଭିଯୋଗ ଶୁଣାଣି

ପୁରୁଷୋତ୍ତମପୁର,୨୮।୨(ଡି.ଏନ.ଏ.)

**ଏନ୍ଏସି ଉନ୍ନୟନ କାର୍ଯ୍ୟରେ ଅବହେଳାକୁ ନେଇ କ୍ଷୋଭ**

ପୁରୁଷୋତ୍ତମପୁର ଏନ୍ଏସିରେ ଶୁକ୍ରବାର ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିବା ସହ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଉପଜିଲାପାଳ ୮ଟି ସାମୂହିକ ସମସ୍ୟା ଓ ୨ ଜଣଙ୍କ ବ୍ୟକ୍ତିଗତ ଅଭିଯୋଗ ଶୁଣିଥିଲେ। ଉନ୍ନୟନ କାର୍ଯ୍ୟରେ ଅବହେଳା କରାଯାଉଥିବା ଜାଣି ଉପଜିଲାପାଳ କ୍ଷୋଭ ପ୍ରକାଶ କରିଥିଲେ। ତୁରନ୍ତ ଏସବୁ ସମସ୍ୟାର ସମାଧାନ କରିବା ଲାଗି ଏନ୍ଏସି ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କାର୍ଯ୍ୟରେ ଖିଲାପ କରୁଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଜନସାଧାରଣଙ୍କ ସାମୂହିକ ଅଭିଯୋଗ ଯେ, ରଥସାହି-ଧୋବାସାହି ରାସ୍ତାଟି ବିପର୍ଯ୍ୟସ୍ତ ହୋଇ ପଡିଥିବାରୁ ପ୍ରତ୍ୟହ ଦୁର୍ଘଟଣା ଘଟୁଛି। ଏହି ରାସ୍ତା ନିକଟରେ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ରହିଛି। ପିଲାମାନେ ପଢ଼ିବାକୁ ଯିବାବେଳେ ଅଧିକାଂଶ ସମୟରେ ପଡ଼ିଯାଇ ଖଣ୍ଡିଆଖାବରା ହେଉଛନ୍ତି। ଏହା ପ୍ରତିବାଦରେ ପୂର୍ବରୁ ବହୁବାର ଅନ୍ଦୋଳନ କରାଯାଇଛି। ପ୍ରଶାସନିକ ଅଧିକାରୀମାନେ ଆସି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ବର୍ଷକ ପରେ ବି ଏନ୍ଏସି କର୍ତ୍ତୃପକ୍ଷ କାର୍ଯ୍ୟ କରୁ ନଥିବା ଉପଜିଲାପାଳଙ୍କ ନିକଟରେ ଜନସାଧାରଣ ଅଭିଯୋଗ କରିଥିଲେ। ସେହିପରି ସହରରେ ଥିବା ଗୋପାଳବନ୍ଧର ସୌନ୍ଦର୍ଯ୍ୟକରଣ କରାଯାଉ ନ ଥିବା, ୨ଟି କଲ୍ୟାଣ ମଣ୍ଡପ ଥିଲେ ମଧ୍ୟ ଲୋକଙ୍କ କାର୍ଯ୍ୟରେ ଲାଗୁ ନ ଥିବା, ଆହାର କେନ୍ଦ୍ର ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ରହିଥିବା, ପାନୀୟ ଜଳ ଯୋଗାଣ ଠିକ ଭାବରେ ହେଉ ନ ଥିବା ସମ୍ପର୍କରେ ଲୋକେ ଅଭିଯୋଗ କରିଥିଲେ। ଉପଜିଲାପାଳଙ୍କ ସମୀକ୍ଷା ବେଳେ ନିର୍ବାହୀ ଅଧିକାରୀ ଏ. ନାଗେଶ୍ୱର ରାଓ, ଅତିରିକ୍ତ ତହସିଲଦାର ସୁନିଲ କୁମାର ତୁଡୁ, ବିଡିଓ ସୀମାଞ୍ଚଳ ମହାନ୍ତିଙ୍କ ସମେତ ଏନଏସିର କର୍ମଚାରୀମାନେ ଉପସ୍ଥିତ ଥିଲେ।



ଲୋକେ ଉପଜିଲାପାଳଙ୍କୁ ଅଭିଯୋଗ ଜଣାଉଛନ୍ତି।

ଧରିତ୍ରୀ
DHARITRI



# ନଦୀପଠାରୁ ନବଜାତକର ମୃତଦେହ ଉଦ୍ଧାର

**ଆସିକା,୨୮।୨(ଡି.ଏନ୍.ଏ.)**

ଆସିକା ଥାନା କୋଟିନଡା ଫାଣ୍ଡି ବାଘୁଆ ନଦୀ ପଠାରୁ ଶୁକ୍ରବାର ସକାଳେ ପୋଲିସ ଏକ ନବଜାତ ଶିଶୁପୁତ୍ରର ମୃତଦେହ ଉଦ୍ଧାର କରିଛି। ଆସିକା ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ନଂ.୩/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତେବେ କେଉଁ ପରିସ୍ଥିତିରେ ଶିଶୁର ମୃତଦେହ ଏଠାକୁ ଆସିଲା ତାହା ସ୍ପଷ୍ଟ ହୋଇ ନାହିଁ। ପୋଲିସ ଆସିକାସ୍ଥିତ ବିଭିନ୍ନ ଡାକ୍ତରଖାନା ଓ ନର୍ସିଂହୋମ୍‌ରେ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

## ଘୋଷଣା

**୧୯୫୬ ମସିହା ରେଜିଷ୍ଟ୍ରେଶନ ଅଫ ନ୍ୟୁଜ ପେପର୍ସ (ସେଣ୍ଟ୍ରାଲ) ନିୟମ ଅନୁସାରେ ଦୈନିକ ଧରିତ୍ରୀର ବିବରଣୀ**

(ଚତୁର୍ଥ ଫର୍ମ ଅଷ୍ଟମ ଧାରା)

| | | | |
|---|---|---|---|
| ୧. | ପ୍ରକାଶ ସ୍ଥାନ | – | ବ୍ରହ୍ମପୁର |
| ୨. | ପ୍ରକାଶ ସମୟ | – | ପ୍ରତ୍ୟହ ପ୍ରଭାତ |
| ୩. | ମୁଦ୍ରାକରଙ୍କ ନାମ | – | ତଥାଗତ ସତପଥୀ |
| | ଜାତୀୟତା | – | ଭାରତୀୟ |
| | ଠିକଣା | – | ବି–୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର–୭୫୧୦୧୦ |
| ୪. | ପ୍ରକାଶକଙ୍କ ନାମ | – | ତଥାଗତ ସତପଥୀ |
| | ଜାତୀୟତା | – | ଭାରତୀୟ |
| | ଠିକଣା | – | ବି–୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର–୭୫୧୦୧୦ |
| ୫. | ସମ୍ପାଦକଙ୍କ ନାମ | – | ତଥାଗତ ସତପଥୀ |
| | ଜାତୀୟତା | – | ଭାରତୀୟ |
| | ଠିକଣା | – | ବି–୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର–୭୫୧୦୧୦ |
| ୬. | ସ୍ୱତ୍ୱାଧିକାରୀଙ୍କ ନାମ | – | ନବଜାତ ପ୍ରିଣ୍ଟର୍ସ ଆଣ୍ଡ ମିଡିଆ ପ୍ରାଇଭେଟ ଲିମିଟେଡ |
| | ଠିକଣା | – | ୧୦୭, ସୂର୍ଯ୍ୟ ନଗର ଭୁବନେଶ୍ୱର–୭୫୧୦୦୩ |

ଆମ୍ଭେ ତଥାଗତ ସତପଥୀ ଏତଦ୍ୱାରା ଘୋଷଣା କରୁଅଛୁ କି ଉପରୋକ୍ତ ବିବରଣୀମାନ ସତ୍ୟ ବୋଲି ଆମ୍ଭର ବିଶ୍ୱାସ ଓ ହୃଦ୍‌ବୋଧ ହୋଇଅଛି ।

ତଥାଗତ ସତପଥୀ
ପ୍ରକାଶକ, ଧରିତ୍ରୀ
୨୯।୨।୨୦୨୦




# ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

## ଭୋଜିକୁ ଯିବା ମହଙ୍ଗା ପଡ଼ିଲା

**ହିଞ୍ଜିଳିକାଟୁ/ଦିଗପହଣ୍ଡି (ଡି.ଏନ୍.ଏ.)/ପାଟପୁର, ୨୮।୨**

ଭୋଜିରେ ଯୋଗ ଦେବା ମହଙ୍ଗା ପଡିଛି ଏକ ପରିବାରକୁ। ସପରିବାର ଭୋଜି ଖାଇ ଯାଇଥିବାବେଳେ ଘରେ ଚୋର ପଶି କଳାକନା ବୁଲାଇଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ନଂ.୬୫/୨୦ରେ ମାମଲା ରୁଜୁ କରି ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ପ୍ରକାଶ ଯେ, ହିଞ୍ଜିଳି ଥାନା ଆଡପଡା ଗ୍ରାମ ଫାଣ୍ଡି ନିକଟ ଦୁର୍ଯ୍ୟୋଧନ ମହାକୁଡଙ୍କ ଘର କବାଟ ଭାଙ୍ଗି ଦୁର୍ବୃତ୍ତ ଗୁରୁବାର ରାତିରେ ଚୋରି କରିଛନ୍ତି। ନଗଦ ପ୍ରାୟ ୩୦ହଜାର ଟଙ୍କା, ସୁନା ଓ ରୁପା ଅଳଙ୍କାର ସହ ଶାଢୀ ଆଦି ଚୋରି ହୋଇଛି। ଏନେଇ ଦୁର୍ଯ୍ୟୋଧନ ଶୁକ୍ରବାର ଥାନାରେ ଅଭିଯୋଗ କରିଥିଲେ। ଆଡପଡା ଗ୍ରାମରେ ପୂର୍ବରୁ ୨ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିବା ଓ ଗ୍ରାମରେ ଉତ୍ତେଜନା ଥିବାରୁ ସେଠାରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଅଛନ୍ତି। ଚୋରି ଯାଇଥିବା ଘରଟି ଫାଣ୍ଡିର ଅତି ନିକଟରେ ହୋଇଥିବାବେଳେ ପୋଲିସ କୌଣସି ଟେର୍ ନ ପାଇବା ସ୍ଥାନୀୟଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ପ୍ରକାଶ ଯେ, ଦୁର୍ଯ୍ୟୋଧନ ସମ୍ପର୍କୀୟଙ୍କ ଭୋଜିରେ ଯୋଗଦେବା ପାଇଁ ଘରେ ତାଲା ପକାଇ ଗୁରୁବାର ଯାଇଥିଲେ। ଶୁକ୍ରବାର ଭୋରରେ ଫେରି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ।

# ରୋଗ କଷ୍ଟ ସହି ନ ପାରି ଯୁବକଙ୍କ ଆତ୍ମହତ୍ୟା

**ଭଞ୍ଜନଗର,୨୮।୨(ଡି.ଏନ୍.ଏ.)**

ଭଞ୍ଜନଗର ସହରତଳି ବାଉଁଶଲୁଣ୍ଡିର ବିନୟ ନାୟକ (୩୩) ଶୁକ୍ରବାର ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଭଞ୍ଜନଗର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍‌ପିଟାଲକୁ ପଠାଇଦେଇଛି। ଏ ନେଇ ପୋଲିସ ନଂ.୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ଅଧିକ ତଦନ୍ତ ଚଳାଇଛି। ପ୍ରକାଶ ଯେ, ବିନୟ ଚେନ୍ନାଇରେ କାମ କରୁଥିଲେ। ତାଙ୍କୁ କର୍କଟ ରୋଗ ହୋଇଥିବାରୁ ଦୁଇଦିନ ପୂର୍ବେ ଗ୍ରାମକୁ ଫେରିଆସିଥିଲେ। ତେଣୁ ଶୁକ୍ରବାର ଘରେ କେହି ନ ଥିବାବେଳେ ମାନସିକ ଭାରସାମ୍ୟ ହରାଇ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପୋଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ମୃତଦେହ ଉଦ୍ଧାର କରିଥିଲା। ରୋଗଗ୍ରସ୍ତ ଯୋଗୁ ବିନୟ ଆତ୍ମହତ୍ୟା କରିଛନ୍ତି ବୋଲି ଥାନା ଅଧିକାରୀ ସୁଦୀପ୍ତ ସାହୁ ସୂଚନା ଦେଇଛନ୍ତି।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ